## ଆଇସିଏସ୍‌ସି ଦ୍ୱାଦଶ ଶ୍ରେଣୀ ଫଳ ପ୍ରକାଶ

# ୯୯.୫% ମାର୍କ ରଖି ଗୌରବ ଆଣିଛନ୍ତି ଯଜ୍ଞଦତ୍ତ



ବ୍ରହ୍ମପୁର,୩୦।୪(ସମିସ): ସଦ୍ୟ ପ୍ରକାଶିତ ଆଇସିଏସ୍‌ସି (ଦ୍ୱାଦଶ ଶ୍ରେଣୀ)ରେ ସର୍ବମୋଟ ଶତକଡା ୯୯.୫ପ୍ରତିଶତ ମାର୍କ ଆଣି ଗୌରବ ଆଣିଛନ୍ତି ବ୍ରହ୍ମପୁରର ଯଜ୍ଞଦତ୍ତ ସାମନ୍ତରା। ଯଜ୍ଞଦତ୍ତ ସ୍ଥାନୀୟ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଡି'ପଲ ସ୍କୁଲର ଛାତ୍ର ଅଟନ୍ତି। ସେ ଚଳିତ ବର୍ଷ ପରୀକ୍ଷାରେ ମୋଟ ୫ଶହ ନମ୍ବରରୁ ୪୯୭ମାର୍କ ରଖି ଶୀର୍ଷରେ ଥିବା ଜଣାପଡିଛି। ମିଳିଥିବା ସୂଚନା ପ୍ରକାରେ ଯଜ୍ଞଦତ୍ତ ଗଣିତରେ ୯୯, ଫିଜିକ୍ସରେ ୯୯ ଏବଂ ବାୟୋଲୋଜିରେ ୯୯ନମ୍ବର ରଖିଥିବା ବେଳେ ଇଂରାଜୀ ଓ କେମେଷ୍ଟ୍ରିରେ ୧୦୦ରୁ ୧୦୦ନମ୍ବର ରଖିଛନ୍ତି। ପ୍ରକାଶ ଯୋଗ୍ୟ ଯେ' ଯଜ୍ଞଦତ୍ତ ମାଟ୍ରିକ ପରୀକ୍ଷାରେ ମଧ୍ୟ ଅନୁରୁପ ଭାବେ ଶତକଡା ୯୯.୨ପ୍ରତିଶତ ନମ୍ବର ରଖିଥିଲେ। ଯଜ୍ଞଦତ୍ତଙ୍କ ବାପା ସଂଜୟ କୁମାର ସାମନ୍ତରା ଓଡିଶା ପ୍ରଶାସନିକ ସେବାର ଅଧିକାରୀ ଭାବେ ସମ୍ପ୍ରତି କେନ୍ଦୁଝରରେ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟରତ। ମା' ପ୍ରଜ୍ଞା ସାମନ୍ତରା ଜଣେ ଗୃହିଣୀ। ଯଜ୍ଞଦତ୍ତଙ୍କ ପରିବାର ସ୍ଥାନୀୟ ଲୋଚାପଡା ଚୈତନ୍ୟନଗରରେ ରୁହନ୍ତି। ଚଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ସେ ଅନ୍ୟୁନ ୯୮ପ୍ରତିଶତ ମାର୍କ ରଖିବାକୁ ଆଶା କରିଥିବା ବେଳେ ୯୯.୫ନମ୍ବର ଆସିଥିବାରୁ ସେ ବେଶ୍ ଖୁସି ଥିବା କହିଛନ୍ତି। ଆଗକୁ ଯଜ୍ଞଦତ୍ତ ବିଏସସି ବା ବିଜ୍ଞାନରେ ଡୀଗ୍ରୀ କରି ଗବେଷଣା କ୍ଷେତ୍ରରେ ଉଚ୍ଚଶିକ୍ଷା କରି ଜଣେ ବୈଜ୍ଞାନିକ ହେବାକୁ ଲକ୍ଷ୍ୟ ରଖିଥିବା 'ସକାଳ'କୁ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଯଜ୍ଞଦତ୍ତ ୯୯.୫ମାର୍କ ରଖି କେବଳ ଡି'ପଲ ସ୍କୁଲର କାହିଁକି ସମଗ୍ର ଓଡିଶା ପାଇଁ ଗର୍ବ ଓ ଗୌରବ ଆଣିପାରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟିଛି।

# ଟଙ୍କା ଓ ମୋବାଇଲ ଲୁଟ୍ ଘଟଣା: ଜଣେ ଗିରଫ

ବ୍ରହ୍ମପୁର,୩୦।୪(ସମିସ): ଯୁବକଙ୍କୁ ମାଡ଼ ମାରି ଟଙ୍କା ଓ ମୋବାଇଲ୍ ଲୁଟ୍ ଘଟଣାରେ ସଦର ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ହେଲେ ନିମଖଣ୍ଡି ଥାନା ଅନ୍ତର୍ଗତ ଭାବିନିପୁର ଗ୍ରାମର ସୁଦାମ ଦାସ(୨୬)। ମାମଲା ନଂ ୨୫୩/୨୬ରେ ତାଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ଘଟଣା ବେଳେ ସୁଦାମଙ୍କ ସହ ଥିବା ତାଙ୍କର ଅନ୍ୟଜଣେ ସହଯୋଗୀ ଫେରାର ରହିଛି। ତାଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ପୁଲିସ କହିଛି।



ପ୍ରକାଶ ଯେ, ଆସିକା ଅଞ୍ଚଳର ବଳରାମ ସ୍ୱାଇଁ କୌଣସି କାମରେ ବ୍ରହ୍ମପୁର ଆସି ସନ୍ଧ୍ୟାରେ ନିଜ ବାଇକରେ ଘରକୁ ଫେରୁଥିଲେ। ଜିଓ ପେଟ୍ରୋଲ ପମ୍ପ ନିକଟରେ ୨ଜଣ ଯୁବକ ତାଙ୍କୁ ଅଟକାଇ ମାର୍‌ପିଟ୍ କରି ୭ଶହ ଟଙ୍କା ଓ ମୋବାଇଲକୁ ଝାମ୍ପି ନେଇଥିଲେ। ପରେ ତାଙ୍କ ଗାଡ଼ିଟିକୁ ରାସ୍ତାରେ ଫୋପାଡ଼ି ପଳାଇଥିଲେ। ଆହତ ବଳରାମ ନିକଟସ୍ଥ କୁକୁଡ଼ାଖଣ୍ଡି ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ପରେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରିବା ସହ ପେଟ୍ରୋଲ ପମ୍ପରେ ଲାଗିଥିବା ସିସିଟିଭି ଯାଞ୍ଚ କରି ସୁଦାମ ଦାସଙ୍କୁ ଚିହ୍ନଟ କରିଥିଲା। ଆଜି ତାଙ୍କୁ କାବୁ କରି ଜେରା ପରେ କୋର୍ଟଚାଲାଣ କରାଯାଇଥିବା ତଦନ୍ତକାରୀ ପୁଲିସ ଅଧିକାରୀ ପ୍ରଫୁଲ୍ଲ କୁମାର ସାହୁ ସୂଚନା ଦେଇଛନ୍ତି।

## ପ୍ଲଟ୍ ବ୍ୟବସାୟୀ ସୁଧୀର ହତ୍ୟା ମାମଲା

# ରିମାଣ୍ଡ ଅବଧି ଶେଷ; ଜେଲ୍ ଫେରିଲେ ୪ ଅଭିଯୁକ୍ତ





ବ୍ରହ୍ମପୁର,୩୦।୪(ସମିସ)

ପ୍ଲଟ୍ ବ୍ୟବସାୟୀ ସୁଧୀର ପାତ୍ର ହତ୍ୟା ମାମଲାରେ ପୁଲିସ ସୁଧୀରଙ୍କ ପୁତୁରା ତୁଷାର, ଝିଆରୀ ନିବେଦିତା, ପ୍ରେମିକ କାଲୁ ପ୍ରଧାନ ଓ ସାର୍ପ ସୁଟର ସୂର୍ଯ୍ୟପ୍ରତାପ ସିଂ ଆଦି ୪ ଅଭିଯୁକ୍ତଙ୍କୁ ଅଧିକ ଜେରା ପାଇଁ ଦିନିକିଆ ରିମାଣ୍ଡରେ ଆଣିଥିଲା। ରିମାଣ୍ଡ ଅବଧି ଶେଷ ହେବାପରେ ସେମାନଙ୍କୁ ଗୁରୁବାର କୋର୍ଟରେ ହାଜର ପରେ ପୁଣି ଜେଲ ହାଜତକୁ ପଠାଯାଇଛି। ସୁଧୀର ହତ୍ୟା ଘଟଣାରେ ଗିରଫ ସାର୍ପସୁଟର ସୂର୍ଯ୍ୟପ୍ରତାପ ସିଂକୁ ନେଇ ଚର୍ଚ୍ଚା ଜୋର ଧରିଛି। ୨୦ଲକ୍ଷ ଟଙ୍କା ପାଇବା ଆଶାରେ ସୁରତରୁ ଗଞ୍ଜାମକୁ ଆସିଥିବାବେଳେ ଟଙ୍କାଟିଏ ନପାଇ ଏବେ ବ୍ରହ୍ମପୁର ଜେଲର ଚାରିକାନ୍ଥ ମଧ୍ୟରେ ରହିଛି।

ସୂର୍ଯ୍ୟ ଉତ୍ତରପ୍ରଦେଶ ବାରଣାସୀ ଜିଲ୍ଲା କାମଷ୍ଟି ଥାନା ଅନ୍ତର୍ଗତ ବାଙ୍କଡ଼ ଗ୍ରାମର। ପାଠପଢ଼ା ସରିବା ପରେ ଗୁଜୁରାଟର ସୁରତ ଜିଲ୍ଲାର ଗଦଦରା ପୁଲିସ ଥାନା ଅନ୍ତର୍ଗତ ଗଦଦରାର ଘନଶ୍ୟାମ ନଗର ସୋସାଇଟିର ୯ନମ୍ବର ଘରେ ରହୁଥିଲେ। ଚାକିରି ଉଦେଶ୍ୟରେ ବାରଣାସୀରୁ ସୁରତକୁ ଆସିବା ପରେ କୌଣସି ଚାକିରି କରିବା ପରିବର୍ତ୍ତେ ଅପରାଧ ଦୁନିଆଁରେ ପାଦ ଥାପିଥିଲା। ଗୁଜୁରାଟର ବିଭିନ୍ନ ଜିଲ୍ଲାରେ ବିଭିନ୍ନ ଅପରାଧିକ କାର୍ଯ୍ୟରେ ସମ୍ପୃକ୍ତ ରହି ଜେଲ୍ ଯାଇଥିଲା ସୂର୍ଯ୍ୟ। ଗୁଜୁରାଟର ଜେଲ୍‌ରେ ଜୀବନ କାଟୁଥିବା ବେଳେ ଗତ କିଛିମାସ ପୂର୍ବେ ପାରୋଲରେ ଆସିବା ପରେ ୨୦ଲକ୍ଷ ଟଙ୍କା ପାଇବା ଲୋଭରେ ଗୋପାଳପୁର ଆସି ସୁଧୀରଙ୍କୁ ଅପହରଣ ଓ ପରେ ହତ୍ୟା କରିଥିଲା। ଦିନିକିଆ ରିମାଣ୍ଡରେ ସୂର୍ଯ୍ୟଙ୍କୁ ଗୋପାଳପୁର ଥାନା ପୁଲିସ ଆଣିବା ପରେ ଆଜି ଏମକେସିଜି ମେଡ଼ିକାଲର ଏଫଏମଟି ବିଭାଗରେ ସୂର୍ଯ୍ୟଙ୍କ ଶରୀରର ବିଭିନ୍ନ ନମୂନା ସଂଗ୍ରହ କରାଯାଇଛି। ହତ୍ୟାକାଣ୍ଡ ସ୍ଥଳର ନମୂନା, ସୁଧୀରଙ୍କ ମୃତଦେହର ନମୂନା ସହ ସୂର୍ଯ୍ୟଙ୍କ ଶରୀରର ନଖ, କେଶ ଓ ରକ୍ତ ଭଳି ନମୂନାର ମେଳ ଖାଉଛି କି ନାହିଁ ତାହା ରିପୋର୍ଟରୁ ସ୍ପଷ୍ଟ ହେବ। ତଦନ୍ତ ପରେ ସୂର୍ଯ୍ୟଙ୍କ ଏହି ହତ୍ୟାକାଣ୍ଡରେ କିଭଳି ସମ୍ପୃକ୍ତି ରହିଛି ସେନେଇ ସ୍ପଷ୍ଟ ହେବ ବୋଲି ଏଫଏମଟି ବିଭାଗୀୟ ମୁଖ୍ୟ ପ୍ରଫେସର ଡ଼ା.ସୁଦୀପା ଦାସ କହିଛନ୍ତି। ସୁଧୀରଙ୍କ ମୃତଦେହ ନିକଟରୁ ଜବତ ହୋଇଥିବା ୩ରୁ ୪ଟି ବାଡ଼ିକୁ ମଧ୍ୟ ପୁଲିସ ଏମକେସିଜି ମେଡ଼ିକାଲର ଏଫଏମ୍‌ଟି ବିଭାଗକୁ ଆଣି ସେଥିରୁ କିଛି ନମୂନା ସଂଗ୍ରହ କରାଯାଇଥିଲା। ବାଡ଼ିରେ ଲାଗିଥିବା ରକ୍ତ, ମାଟିକୁ ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ ରାଜ୍ୟ ଫରେନ୍‌ସିକ୍ ସାଇନ୍ସ ଲେବ୍ରୋଟରୀ ବା ଏସଏଫଏସଏଲକୁ ପଠାଯାଇଛି।

ସେପଟେ ସୁଧିରଙ୍କ ଝିଆରୀ ନିବେଦିତା ପାତ୍ର, ପୁତୁରା ତୁଷାର ପାତ୍ର, କାଲୁ ଚରଣ ପ୍ରଧାନ ଓ ସୂର୍ଯ୍ୟ ପ୍ରତାପ ସିଂକୁ ଗୋପାଳପୁର ଥାନାରେ ପୁଲିସ ମାରାଥନ୍ ଜେରା କରି ଆଜି ପୁଣି ଜେଲକୁ ପଠାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ୪ଜଣ ଅଭିଯୁକ୍ତ ନେଇ ଜେରା କରାଯାଇଥିବା ବେଳେ ଅନ୍ୟପଟେ ନିବେଦିତାଙ୍କ ମା ଓ ମାମୁଙ୍କୁ ମଧ୍ୟ ପୁଲିସ ଥାନାକୁ ଡାକି ପଚରାଉଚରା କରିଥିବା ଜଣାପଡିଛି। ବୁଧବାର ନିବେଦିତାଙ୍କୁ ବ୍ୟକ୍ତିଗତ ଭାବେ ପ୍ରାୟ ୩ଘଣ୍ଟାରୁ ଉଦ୍ଧ୍ୱର୍ ସମୟ ଧରି ଜେରା କରିଥିଲା ପୁଲିସ। ନିବେଦିତା ଏହି ହତ୍ୟା ମାମଲାରେ ନିଜ ମା ଓ ମାମୁଁଙ୍କ ସହାୟତା ନେଇଛି କି ନାହିଁ, ସେମାନେ କେଉଁ ପ୍ରକାରର ସହାୟତା କରିଛନ୍ତି କାହିଁକି ସୁଧୀରଙ୍କୁ ହତ୍ୟା କରିବା ପାଇଁ ଯୋଜନା ହୋଇଥିଲା। କେବଳ ଅପହରଣ ନା ହତ୍ୟା କରିବାର ଉଦ୍ଦେଶ୍ୟ ଥିଲା, ହତ୍ୟାକାଣ୍ଡରେ ସମ୍ପୃକ୍ତ ରହି ଆଉ କେହି ଅଭିଯୁକ୍ତ ଫେରାର ଅଛନ୍ତି କି ଏଭଳି ଅନେକ ପ୍ରଶ୍ନର ସଠିକ୍ ଉତ୍ତର ନିବେଦିତା ଦେଇଥିବା ଜଣାପଡିଛି। ଠିକ୍ ସେହିପରି ସୁଧୀରଙ୍କ ପୁତୁରାଙ୍କୁ ମଧ୍ୟ ପୁଲିସ ଏକୁଟିଆ ଦୀର୍ଘ ସମୟ ଧରି ଗୋପାଳପୁର ଥାନାରେ ଜେରା କରିଥିଲା। ପରେ ନିବେଦିତା ଓ ତୁଷାରଙ୍କ ସମେତ ସେମାନଙ୍କ ମାଆ ଓ ମାମୁଙ୍କୁ ମଧ୍ୟ ସାମ୍ନାସାମ୍ନି ଜେରା କରାଯାଇଥିବା ସୂଚନା ମିଳିଛି। ପରେ ଅପରାହ୍ନରେ ସମସ୍ତ ୪ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରି ପୁଣି ବ୍ରହ୍ମପୁର ଜେଲ୍‌କୁ ପଠାଇ ଦିଆଯାଇଛି। ଆବଶ୍ୟକ ସ୍ଥଳେ ପୁଲିସ କିଛି ଅଭିଯୁକ୍ତଙ୍କୁ ପୁଣି ରିମାଣ୍ଡରେ ନେଇ ଖୋଳତାଡ଼ କରିବ ବୋଲି ସୂଚନା ମିଳିଛି।

- ଅଭିଯୁକ୍ତଙ୍କ ସହ ନିବେଦିତାଙ୍କ ମା' ଓ ମାମୁଙ୍କୁ ସାମ୍ନାସାମ୍ନି ଜେରା
- ସାର୍ପସୁଟର ସୂର୍ଯ୍ୟପ୍ରତାପର ସଂଗୃହୀତ ନଖ, କେଶ ଓ ରକ୍ତ ଏସ୍‌ଏଫ୍‌ଏସ୍‌ଏଲ୍ ପଠାଗଲା

## ୧ମ ବ୍ରହ୍ମପୁର ବୁଲ୍ସ ଟ୍ରଫି ଫାଇନାଲ୍ ୨ରେ

# ଆଲ୍‌ଫା ବନାମ ଅକ୍ସଫୋର୍ଡ କ୍ଲବ୍ ମଧ୍ୟରେ ମୁକାବିଲା



ବ୍ରହ୍ମପୁର,୩୦।୪(ସମିସ): ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ପ୍ରଥମ ବ୍ରହ୍ମପୁର ବୁଲ୍ସ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ୨ୟ ସେମିଫାଇନାଲ ମ୍ୟାଚ୍ ଅକ୍ସଫୋର୍ଡ କ୍ରିକେଟ କ୍ଲବ ଓ ଖାଲେକ୍ସୀ କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଖାଲେକ୍ସୀ କ୍ରିକେଟ କ୍ଲବ ପ୍ରଥମ ଟସ୍ ଜିତି ବ୍ୟାଟିଂ ନିଷ୍ପତି ନେଇଥିଲା। ୧୯ ଓଭରରେ ୧୦ ୱିକେଟ ବିନିମୟରେ ୧୧୫ ରନ୍ ସଂଗ୍ରହ କରିଥିଲା। ଅକ୍ସଫୋର୍ଡ କ୍ରିକେଟ କ୍ଲବ ୧୫ ଓଭରେ ୫ ୱିକେଟ ହରାଇ ୧୧୮ ରନ୍ ସଂଗ୍ରହ କରି ବିଜୟ ହାସଲ କରିଥିଲା। ଅତିଥି ଭାବେ ବରିଷ୍ଠ ନାଗରିକ ଉପେନ୍ଦ୍ର ମିଶ୍ର, ସମାଜସେବୀ ଶିଶିର ପାଢ଼ୀ, ପ୍ରଶାନ୍ତ ନାୟକ ଓ ଶ୍ରୀୟା ହୋତା ଯୋଗଦେଇ ଖେଳାଳି କୁନାଲ ପଣ୍ଡାଙ୍କୁ ମେନ୍ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାଚରେ ଦିରେନ ମିଶ୍ର ଓ ରଞ୍ଜିନୀ କାନ୍ତ ରେଡ୍ଡୀ ଅମ୍ପାୟର ଭାବେ କାର୍ଯ୍ୟ କରିଥିଲେ। ଆସନ୍ତା ୨ ତାରିଖ ଅର୍ଥାତ୍ ଶନିବାର ଆଲଫା କ୍ରିକେଟ କ୍ଲବ ବନାମ ଅକ୍ସଫୋର୍ଡ କ୍ଲବ ମଧ୍ୟରେ ଫାଇନାଲରେ ଅନୁଷ୍ଠିତ ହେବ।

# କଳାକାର ମହାସମାବେଶ ନେଇ ପ୍ରସ୍ତୁତି ବୈଠକ

ବ୍ରହ୍ମପୁର,୩୦।୪(ସମିସ): ସ୍ଥାନୀୟ ସୁବାରାଓ ଛକ ସ୍ଥିତ ଜଗନ୍ନାଥ ଚିତ୍ରାଳୟ ପରିସରରେ ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘର ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ କାର୍ଯ୍ୟକାରୀ ସଭାପତି ଦୁର୍ଗାପ୍ରସାଦ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୮ମ ବାର୍ଷିକୋତ୍ସବ ପାଳନ ଅବସରରେ ଏକ କଳାକାର ମହାସମାବେଶର ଆୟୋଜନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆସନ୍ତ ଜୁଲାଇ ୩ରେ ହେବାକୁ ଥିବା ବାର୍ଷିକୋତ୍ସବରେ ୫ ହଜାର କଳାକାରଙ୍କୁ ନେଇ ଏକ କଳାକାର ମହାସମାବେଶ ଆୟୋଜନ କରାଯିବାକୁ ସ୍ଥିର ହୋଇଛି। କାର୍ଯ୍ୟକ୍ରମରେ କଳାକାର ଶୋଭାଯାତ୍ରା, ବିଭିନ୍ନ ଲୋକକଳା ପ୍ରଦର୍ଶନ, ପ୍ରତିଭାଧର କଳାକାରଙ୍କୁ ସମ୍ବର୍ଦ୍ଧନା ଭଳି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପରିଶେଷରେ ବରିଷ୍ଠ ସଦସ୍ୟା ଗୀତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ସର୍ବଶ୍ରୀ ମୃତ୍ୟୁଞ୍ଜୟ ତ୍ରିପାଠୀ, ଅଭିରାମ ରାଉଳ, କୈଳାସ ପାଣିଗ୍ରାହୀ, ସୁବାସ ଚନ୍ଦ୍ର ସାହୁ ଓ ସୁଦାମ ପଟ୍ଟନାୟକ ଅଂଶ ଗ୍ରହଣ କରିଥିଲେ।

● ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନର ଅନନ୍ୟ ପ୍ରତିଷ୍ଠାନ 'ଆର୍ଯ୍ୟଭଟ୍ଟ'

# ୨୦ ବର୍ଷ ପରେ ବି ନିଜ ଦାୟିତ୍ୱ ଓ ପ୍ରତିଶ୍ରୁତିରୁ ବିଚ୍ୟୁତ ହୋଇନି: ସୁଧୀର

ବ୍ରହ୍ମପୁର,୩୦।୪(ସମିସ): ପ୍ରତିଶ୍ରୁତି ଦେଇ ରକ୍ଷା କରିବା ସବୁଠାରୁ ବଡ଼କଥା। ଅନେକ ସମୟରେ ଏଥିରେ ବ୍ୟତିକ୍ରମ ଘଟି ଅନେକଙ୍କୁ ପ୍ରତାରଣାର ଶିକାର ହେବାକୁ ପଡିଥାଏ। ତେବେ ବ୍ରହ୍ମପୁରର ଅନନ୍ୟ ଶିକ୍ଷାନୁଷ୍ଠାନ 'ଆର୍ଯ୍ୟଭଟ୍ଟ' ଦୀର୍ଘ ୨୦ବର୍ଷ ଧରି ନିଜର ପ୍ରତିଶ୍ରୁତି ରକ୍ଷା କରିବା ସହିତ କର୍ତ୍ତବ୍ୟ ପାଳନ କରିଆସୁଛି ବୋଲି ଦୃଢ଼ତାର ସହିତ କହିଛନ୍ତି ଅନୁଷ୍ଠାନର ନିର୍ଦ୍ଦେଶକ ସୁଧୀର ରାଉତ। ଅନୁଷ୍ଠାନର ୨୦ବର୍ଷ ପୂର୍ତ୍ତି




ଅବସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ରାଉତ ଏହି ଦମ୍ଭୋକ୍ତି ଦେଇଛନ୍ତି। ୨୦୦୬ ମେ' ପହିଲାରେ ପ୍ରତିଷ୍ଠା ହୋଇଥିବା ଏହି ଶିକ୍ଷାନୁଷ୍ଠାନ ୨ ଦଶନ୍ଧି ଅତିକ୍ରମ କରିସାରିଛି। ସମାଜସେବା ଭିତ୍ତିକ, ସାମାଜିକ ନ୍ୟାୟ ପାଇଁ ଉତ୍ସର୍ଗୀକୃତ ଏହି ଅନୁଷ୍ଠାନ ସଦାସର୍ବଦା ଛାତ୍ରଛାତ୍ରୀଙ୍କ ହିତ ଉଦ୍ଦେଶ୍ୟରେ ରହିବ। ଆର୍ଥିକ ଅନଗ୍ରସର ପିଲାଙ୍କୁ ମାଗଣା ଶିକ୍ଷା ସହ ଆବଶ୍ୟକସ୍ଥଳେ ଆର୍ଥିକ ସହାୟତା ପ୍ରଦାନ କରିବ। ପିଲାଙ୍କ ପାଠପଠା ସହିତ ଚରିତ୍ର ଗଠନ ଓ ସମାଜ ପ୍ରତି ଅଙ୍ଗୀକାରବଦ୍ଧତା ପାଇଁ ପ୍ରେରିତ ହେବ। ଏଭଳି ବିଭିନ୍ନ ସଂକଳ୍ପ ସହିତ ଆରମ୍ଭ ହୋଇଥିବା ଶିକ୍ଷାନୁଷ୍ଠାନକୁ ଇତିମଧ୍ୟରେ ବିତିଯାଇଛି ଦିର୍ଘ ୨୦ବର୍ଷ। ପ୍ରାରମ୍ଭରୁ ଆରମ୍ଭ କରି ପ୍ରତିବର୍ଷ ନିୟମିତ ଭାବେ ଏଠାରୁ ଆଇଆଇଟି, ଏନ.ଆଇ.ଟି, ଆଇଆଇଏସଟି,ନାଇଜର, ଆଇଜର, କେଭିପିୱାଇ, ମେଡିକାଲ ଆଦି ବିଭିନ୍ନ ପ୍ରବେଶିକା ପରୀକ୍ଷାରେ ହଜାରରୁ ଉଦ୍ଧ୍ୱର୍ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇ ବର୍ତ୍ତମାନ ଦେଶର ତଥା ଦେଶ ବାହାରେ ବିଭିନ୍ନ ସୁନାମଧନ୍ୟ ପ୍ରତିଷ୍ଠାନରେ କାର୍ଯ୍ୟରତ ଅଛନ୍ତି। କେବଳ ପାଠପଢା ନୁହେଁ ବରଂ ଛାତ୍ରଛାତ୍ରୀମାନେ ଆର୍ଯ୍ୟଭଟ୍ଟ ଫାଉଣ୍ଡେସନର ସ୍ୱେଚ୍ଛାସେବୀଙ୍କ ସହ ବୃକ୍ଷରୋପଣ, ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ମଧ୍ୟ ସାମିଲ ହେଉଛନ୍ତି। ସେହିଭଳି କୋଭିଡ ସମୟରେ ମଧ୍ୟ ପ୍ରତିଷ୍ଠାନର ଛାତ୍ରଛାତ୍ରୀମାନେ ଜାତୀୟ ରାଜପଥରେ ଘରକୁ ଫେରୁଥିବା ପଥିକଙ୍କୁ ସହାୟତା ଯୋଗାଇଥିଲେ। ବ୍ରହ୍ମପୁରରେ ଆଇଆଇଏମ ପ୍ରତିଷ୍ଠା ଆନ୍ଦୋଳନରେ ମଧ୍ୟ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ସକ୍ରିୟ ସାମିଲ ହୋଇଥିଲେ। ଯାହାର ଫଳସ୍ୱରୁ ବର୍ତ୍ତମାନ ବ୍ରହ୍ମପୁରରେ ଆଇଜର ପ୍ରତିଷ୍ଠା ହୋଇପାରିଛି। ତେବେ ଏସବୁ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଅନେକ କଷ୍ଟ ସ୍ୱୀକାର କରିବାକୁ ପଡିଛି ସଂସ୍ଥାର ନିର୍ଦ୍ଦେଶକ ସୁଧୀର ରାଉତଙ୍କୁ। ମିଥ୍ୟା ମାମଲାରେ ତାଙ୍କ ବିରୁଦ୍ଧରେ ମାମଲା ରୁଜୁ ସହିତ ସେଥିପାଇଁ ଶ୍ରୀ ରାଉତଙ୍କୁ ହାଜତକୁ ଯିବାକୁ ମଧ୍ୟ ପଡିଛି। ତଥାପି ସେ ଭାଙ୍ଗି ପଡ଼ିନାହାନ୍ତି। ଅସମୟରେ ତାଙ୍କୁ ସହଯୋଗ କରିଥିବା ବନ୍ଧୁମାନଙ୍କୁ ସେ କୃତଜ୍ଞତା ଜଣାଇବାକୁ ମଧ୍ୟ ଭୁଲିନାହାନ୍ତି। ପିଲାଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇ ସେମାନଙ୍କ ସ୍ୱପ୍ନ ସାକାର କରିବାକୁ ସେ ସବୁବେଳେ ଚିନ୍ତିତ ଓ ଉଦ୍ୟମରତ ବୋଲି କହିଛନ୍ତି।

## ଆକ୍ସନ ମୋଡ୍‌ରେ ବିଏମ୍‌ସି କର୍ତ୍ତୃପକ୍ଷ

# ଆଜିଠାରୁ ଏନ୍‌ଫୋର୍ସମେଣ୍ଟ କଡ଼ାକଡ଼ି

ବ୍ରହ୍ମପୁର,୩୦।୪(ସମିସ)

ବ୍ରହ୍ମପୁର ମହାନଗର ନିଗମର କମିସନର ଭାବେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ସହରକୁ ଚିହ୍ନିବା ଓ ବିଭିନ୍ନ ଅଞ୍ଚଳର ସମସ୍ୟା ଲୋକଙ୍କ ମୁହଁରୁ ଶୁଣି ତାହାର ସ୍ଥାୟୀ ତଥା ତୁରନ୍ତ ପ୍ରତିକାର କରିବାକୁ ଅଣ୍ଟା ଭିଡିଛନ୍ତି ସୁଶ୍ରୀ ଏ. ସସ୍ୟା ରେଡ୍ଡୀ। ଗତକାଲି ମେୟର ଓ ବିଭିନ୍ନ ୱାର୍ଡରେ କର୍ପୋରେଟରଙ୍କ ସହିତ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବା ପରେ ଆଜି କମିଶନର ୧୭ନମ୍ବର ୱାର୍ଡ ପରିଦର୍ଶନ କରିଛନ୍ତି। ଗେଟବଜାର ଠାରୁ ଲୋଚାପଡା ରାସ୍ତାରେ ପ୍ରାୟ ୨୯ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଅତ୍ୟାଧୁନିକ ମାଛ ବଜାର କରୋନା ଠାରୁ ବନ୍ଦ ଥିଲା। ଫଳରେ ବ୍ୟବସାୟୀମାନେ ରାସ୍ତା କଡ଼ରେ ଏପରିକି ରାସ୍ତା ଅବରୋଧ କରି ବ୍ୟବସାୟ କରୁଛନ୍ତି। ଯଦ୍ୱାରା ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏହି ସମସ୍ୟା ନେଇ ସ୍ଥାନୀୟ କର୍ପୋରେଟର ବାରମ୍ବାର ଦାବି କରି ଆସିଥିଲେ ହେଁ ତାହାର ସମାଧାନ ହୋଇପାରି ନାହିଁ। ସେହିଭଳି ୧୭ନମ୍ବର ୱାର୍ଡର କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ୨ବର୍ଷ ଧରି ଟେଣ୍ଡର ହୋଇଥିଲେ ହେଁ ତାହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ୱାର୍ଡର ଦୁଇଟି ପ୍ରମୁଖ ସମସ୍ୟା ସହିତ ରାସ୍ତାଘାଟ, ଇ-ଲାଇବ୍ରେରୀ, ଯୋଗକେନ୍ଦ୍ର, ଡ୍ରେନ ଏବଂ ବ୍ରଜନଗର ୩ୟ ଲାଇନ ରୋଡ ଯାହା ଲୋଚାପଡା ଠାରୁ ସିଦ୍ଧାର୍ଥନଗର ପର୍ଯ୍ୟନ୍ତ ଲମ୍ବିଛି ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ୨ବର୍ଷ ପୂର୍ବେ ବିଏମସିକୁ ହସ୍ତାନ୍ତର କରିସାରିଛି ତାହାର ଉନ୍ନତିକରଣ କାର୍ଯ୍ୟ ବନ୍ଦ ରହିଥିବା ସ୍ଥାନୀୟ କର୍ପୋରେଟର ଦୁର୍ଗାପ୍ରସାଦ ନାୟକ କମିସନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉକ୍ତ ରାସ୍ତା ପାଇଁ ୬ଟି ଭାଗ କରାଯାଇଥିବା ବେଳେ ୫ଟିର ଯଦିଓ ଟେଣ୍ଡର କରାଯାଇଛି ତେବେ ଗୋଟିଏ ଭାଗର ଟେଣ୍ଡର ହୋଇନଥିବାରୁ ସମ୍ପୂର୍ଣ୍ଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଆଜି ପୂର୍ବାହ୍ନ ପ୍ରାୟ ୯ଟା ଠାରୁ ଦୀର୍ଘ ୨ଘଣ୍ଟା ଧରି ଅର୍ଥାତ୍ ୧୧ଟା ପର୍ଯ୍ୟନ୍ତ ସମଗ୍ର ୱାର୍ଡର ସମସ୍ତ ସମସ୍ୟା ବୁଝିବାକୁ ଚେଷ୍ଟା କରି ତାହାର ଯଥାଶୀଘ୍ର ପ୍ରତିକାର ବ୍ୟବସ୍ଥା କରିବାକୁ ସେ ଇଂଜିନିୟରିଂ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ କମିଶନର ଓ ସ୍ଥାନୀୟ କର୍ପୋରେଟରଙ୍କ ସମେତ ୱାର୍ଡ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ସ୍ୱପ୍ନା ସାହୁ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ନାଗେଶ୍ୱର ସୁବୁଦ୍ଧିଙ୍କ ସମେତ ବହୁ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।

**ବିଭାଗୀୟ ଅଧିକାରୀଙ୍କ ସହ ସ୍ଥିତି ଅନୁଧ୍ୟାନ କଲେ କର୍ପୋରେଟର ଓ କମିସନର**



10001/92/2627



## ଅଂଶୁଘାତ ସତର୍କତା



**ଲକ୍ଷଣ**

- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

**ସତର୍କତା**

- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

**ପ୍ରତିକାର**

- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

OIPR-10001/10003/2/26-27/0009

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
@HFWOdisha
http://www.health.odisha.gov.in/

# ପ୍ରଗତି କଳାକେନ୍ଦ୍ରର ମହୋତ୍ସବ-୨୦୨୬



ଛତ୍ରପୁର,୩୦।୪(ସମିସ): ଛତ୍ରପୁର ସହରର ଅଗ୍ରଣୀ ନୃତ୍ୟ ଅନୁଷ୍ଠାନ ପ୍ରଗତି କଳା କେନ୍ଦ୍ର ପକ୍ଷରୁ ସ୍ଥାନୀୟ ପଣ୍ଡା କଲୋନୀ ପରିସରରେ ପ୍ରଗତି ମହୋତ୍ସବ - ୨୦୨୬ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଓଡିଶୀ, ରଣପ୍ପା, କଠଉ, ଚଢେୟା ଚଢେୟାଣୀ ନୃତ୍ୟ, ସମ୍ବଲପୁରୀ ମଙ୍ଗଳା କୁମ୍ଭ, ପାଇକ ଆଖଡ଼ା ଓ ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରଗତି କଳା କେନ୍ଦ୍ରର ସମ୍ପାଦକ ସୁଧାଂଶୁ ଶେଖର ଶତପଥି ଏବଂ କାର୍ଯ୍ୟାଳୟ ର ପରିଚାଳିକା ଏମ୍. ରାଧା କୁମାରୀଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆନ୍ତର୍ଜାତୀୟ ଓଡିଶୀ ନୃତ୍ୟ ଗୁରୁ ଶାଶ୍ୱତ ଯୋଶୀ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ କୁନି କୁନି କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ପଦ୍ମଶ୍ରୀ ସୀମାଞ୍ଚଳ ପାତ୍ର, ଲୋକନୃତ୍ୟ ଗୁରୁ ଶରତ ଚନ୍ଦ୍ର ମହାପାତ୍ର ଓ ସନ୍ତୋଷ କୁମାର ପାଢ଼ୀ, ପିସିସି ସଭ୍ୟ ତଥା ବରିଷ୍ଠ ଆଇନଜୀବୀ ଶମ୍ଭୁ ପାଣିଗ୍ରାହୀ, ମାଲକାନଗିରିର ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ ତଥା ଲେଖକ ଭାଗିରଥି ବେହେରା, ପ୍ରଗତି କଳା କେନ୍ଦ୍ରର ପରିଚାଳନା ନିର୍ଦ୍ଦେଶକ କାର୍ତ୍ତିକ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଗତି କଳା କେନ୍ଦ୍ରର ସମ୍ପାଦକ ସୁଧାଂଶୁ ଶେଖର ଶତପଥି, ପରିଚାଳିକା ଏମ୍. ରାଧା କୁମାରୀ ଓ ପରିଚାଳନା ନିର୍ଦ୍ଦେଶକ କାର୍ତ୍ତିକ ପାଣିଗ୍ରାହୀ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ବହୁ ସଦସ୍ୟ ଓ କଳାକାର ସହଯୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପସ୍ଥାପନ ଭାବେ ଶିବାନନ୍ଦ ବାରିକ ଏବଂ ବସୁନ୍ଧରା ପାଣିଗ୍ରାହୀ ସଂଯୋଜନା କରିଥିଲେ।

# ରାସ୍ତାକଡ଼ ପାଲଟିଛି ଶ୍ମଶାନ ଘାଟ

## ମାନବାଧିକାର କମିସନରଙ୍କୁ ଅଭିଯୋଗ

ଖଲ୍ଲିକୋଟ,୩୦।୪(ସମିସ)

ଖଲ୍ଲିକୋଟ ନିକଟସ୍ଥ ନିର୍ମଳଝରରେ ଶ୍ମଶାନ ନାହିଁ। ଆତ୍ମୀୟ ସ୍ୱଜନଙ୍କ ଶବକୁ ରାସ୍ତା କଡ଼ରେ ଅନ୍ତିମ ସଂସ୍କାର କରୁଛନ୍ତି ସମ୍ପର୍କୀୟ। ଏଭଳି ଏକ ଅଭାବନୀୟ ସମସ୍ୟା ନେଇ ରାଜ୍ୟ ମାନବାଧିକାର କମିଶନରଙ୍କ ନିକଟରେ ଅଭିଯୋଗ କରିଛନ୍ତି ସାମାଜିକ କର୍ମୀ ରଞ୍ଜିତ କୁମାର ପାତ୍ର। ସେ ଗତ ମାର୍ଚ୍ଚ ମାସ ୩୧ ତାରିଖରେ ନିର୍ମଳଝରରେ ଶ୍ମଶାନନ ଥିବାରୁ ଲୋକେ ବାଧ ହୋଇ ରାସ୍ତା କଡରେ ଶବ ଦାହ କରୁଥିବା ନେଇ ରାଜ୍ୟ ମାନବାଧିକାର କମିଶନରଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଗ୍ରହଣ କରି ରାଜ୍ୟ ମାନବାଧିକାର କମିଶନର କେସ ନମ୍ବର ୧୯୭/୨୦୨୬ ଅନୁଯାୟୀ ମାମଲା ରୁଜୁ କରି ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରି ନିର୍ମଳଝର ଠାରେ ଏକ ସ୍ମଶାନ



ନିର୍ମାଣ କରିବା ପାଇଁ ଜିଲ୍ଲା ପ୍ରଶାସନ ଓ ଖଲ୍ଲିକୋଟ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଏହି ମାମଲାର ପରବର୍ତ୍ତୀ ଶୁଣାଣୀ ଅଗଷ୍ଟ ୩ ତାରିଖକୁ ଧାର୍ଯ୍ୟ କରିଛନ୍ତି। ଏହି ଶୁଣାଣି ତାରିଖ ପୂର୍ବରୁ ଏହା ଉପରେ କଣ ପଦକ୍ଷେପ ନେଲେ ସେ ନେଇ ରିପୋର୍ଟ ଦାଖଲ କରିବାକୁ ମଧ୍ୟ ଜିଲ୍ଲା ପ୍ରଶାସନ ଓ ଖଲ୍ଲିକୋଟ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ଏନେଇ ଆମେ ଖଲ୍ଲିକୋଟ ବିଡ଼ିଓ ଦେବାଶିଷ ସାମଲଙ୍କୁ ଯୋଗାଯୋଗ କରିବାରେ ସେ ଏ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ଦେଇ ନଥିବା ବେଳେ ଯଦି ସ୍ମଶାନ ନାହିଁ ତାହେଲେ ନିର୍ମଳଝରରେ ଏକ ସ୍ମଶାନ ନିର୍ମାଣ କରିବା ପାଇଁ ପଦକ୍ଷେପ ନେବେ ବୋଲି କହିଥିଲେ। ତେବେ ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ପୂର୍ବରୁ ଏଠାରେ ଶବ ଦାହ ପାଇଁ ବାତ୍ୟା ଆଶ୍ରୟ ସ୍ଥଳୀ ନିକଟରେ ଏକ ଜାଗା ଥିଲା। କାଳକ୍ରମେ ସେହି ଜାଗାକୁ ଜଣେ ପ୍ରଭାବଶାଳୀ ବ୍ୟକ୍ତି ଜବର ଦଖଲ କରିବାରୁ ଲୋକେ ବାଧ ହୋଇ ରାସ୍ତା କଡରେ ଶବ ଦାହ କରୁଛନ୍ତି। ଏନେଇ ବାରମ୍ବାର ସ୍ଥାନୀୟ ପ୍ରଶାସନକୁ ଅଭିଯୋଗ କଲେ ମଧ୍ୟ କୌଣସି ପଦକ୍ଷେପ ନିଆ ଯାଉନାହିଁ। ଯଦି ପ୍ରଶାସନ ଏ ଦିଗରେ ତୁରନ୍ତ ଦୃଷ୍ଟି ନ ଦିଏ ତାହେଲେ ଆଗାମୀ ଦିନରେ ଲୋକେ ରାସ୍ତାରେ ଶବ ରଖି ଆନ୍ଦୋଳନ କରିବାକୁ ବାଧ ହେବେ ବୋଲି ସ୍ଥାନୀୟ ବାସିନ୍ଦା ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦିକା ମିତାଞ୍ଜଳି ମିଶ୍ର ଚେତାବନୀ ଦେଇଛନ୍ତି।

# ମହିଳା କଲେଜର ବାର୍ଷିକ ଉତ୍ସବ



ଛତ୍ରପୁର,୩୦।୪(ସମିସ): ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଛତ୍ରପୁର ମହିଳା ଡିଗ୍ରୀ କଲେଜର ୨୮ତମ ବାର୍ଷିକ ଉତ୍ସବ ଅଧ୍ୟକ୍ଷା ସୁମିତା ମିଶ୍ରଙ୍କ ପୌରହିତ୍ୟରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରିବା ସହ ପାଠ ଓ କ୍ରୀଡ଼ାର ମହତ୍ତ୍ୱ ବିଷୟରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସଚ୍ଚିଦାନନ୍ଦ ନାୟକ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକା କବିତା ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ପ୍ରିନ୍ସିପାଲ ଶ୍ରୀମତୀ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସର ପୂର୍ବରୁ ଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ହାସଲ କରିଥିବା ଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ରାଜନୈତିକ ଚାପରେ କବିସୂର୍ଯ୍ୟନଗର ପୌର ପରିଷଦ

# ପ୍ରଶାସନର ଦ୍ୱାରସ୍ଥ ହେଲେ ଜନପ୍ରତିନିଧି; ୭ଦିନ ମହଲତ

ଛତ୍ରପୁର,୩୦।୪(ସମିସ): କବିସୂର୍ଯ୍ୟନଗର ବିଧାୟକଙ୍କ ନାମରେ ସାଂଘାତିକ ଅଭିଯୋଗ ଆଣିଲେ ନିର୍ବାଚିତ ଜନପ୍ରତିନିଧି। ଟଙ୍କା ଅଛି, ଟେଣ୍ଡର ହୋଇଛି, କିନ୍ତୁ କାର୍ଯ୍ୟାଦେଶ ଦିଆ ଯାଉନି। ଫଳରେ ବିକାଶ ମୂଳକ କାର୍ଯ୍ୟ ଠପ୍ ହୋଇଯାଇଛି। ବିଧାୟକଙ୍କ ଚାପରେ ଚେପା ହେଉଛନ୍ତି ଅଧିକାରୀ। ଏଭଳି ଅଭିଯୋଗ କରି ଗଞ୍ଜାମ ଜିଲ୍ଲାପାଳ ଓ ଜିଲ୍ଲା ନଗର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଦ୍ୱାରସ୍ଥ ହୋଇଛନ୍ତି କବିସୂର୍ଯ୍ୟନଗର ପୌର ପରିଷଦର ବହୁ ନିର୍ବାଚିତ ଜନପ୍ରତିନିଧି।



ସେମାନେ କହିବା ମୁତାବକ, ୬ ଅକ୍ଟୋବର ୨୦୨୫ରେ କାଉନ୍‌ସିଲର ବୈଠକରେ ସମସ୍ତ ଜନପ୍ରତିନିଧିଙ୍କ ମତାମତକୁ ଆଧାର କରି ପ୍ରତ୍ୟେକ ୱାର୍ଡରେ ରାସ୍ତା, ନାଳ, କଲଭର୍ଟ ଇତ୍ୟାଦି ପୁର୍ନନିର୍ମାଣ ନିମନ୍ତେ ନିର୍ଦ୍ଧାରଣ କରାଯାଇଥିଲା। ପରେ ଉକ୍ତ କାର୍ଯ୍ୟଗୁଡିକର ୪ ନଭେମ୍ବର ୨୦୨୫ରେ ମଞ୍ଜୁର କରାଯାଇ ୧୯ ମାର୍ଚ୍ଚ ୨୦୨୬ରେ ୪ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ପାଇଁ ଇ-ଟେଣ୍ଡର କରାଯାଇଥିଲା। ୨ ଏପ୍ରିଲରେ ଟେଣ୍ଡର ଖୋଲାଯାଇଥିଲା। କିନ୍ତୁ ଯେଉଁମାନେ କାମ ପାଇଛନ୍ତି ସେମାନଙ୍କୁ ଏଯାବତ ୱାର୍କଅର୍ଡର କାର୍ଯ୍ୟନିର୍ବାହି ଅଧିକାରୀ ଦେଉନାହାନ୍ତି। ଏହିସବୁ କାମର ଟେଣ୍ଡର ରଦ୍ଦ କରିବାକୁ ସେଠାକାର ବିଧାୟକ ଚାପ ପକାଉଥିବା ଭାରପ୍ରାପ୍ତ ଅଧ୍ୟକ୍ଷ ବିକ୍ରାନ୍ତ କୁମାର ସାହୁ କହିଛନ୍ତି। ସରକାର ବଦଳିଲା ପରେ ଏହି ପୌରପରିଷଦର ବହୁକାମ ୱାର୍କଅର୍ଡର ଦିଆଯାଇଥିଲେ ମଧ୍ୟ ବିଡରମାନଙ୍କୁ ଡରାଗଲା କାମ କଲେ ବିଲ୍ ଦିଆଯିବ ନାହିଁ। ଫଳରେ ବହୁ ଗୁଡିଏ କାମ ଆଜି ପର୍ଯ୍ୟନ୍ତ ଆରମ୍ଭ ହେଲାନାହିଁ। ଏବେ ପୁଣି ବହୁ କାମ ଅଟକ ରହିଥିବାରୁ ସହରବାସୀ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଯଦି ୭ଦିନ ମଧ୍ୟରେ ସହରର ଉନ୍ନୟନମୂଳକ କାର୍ଯ୍ୟଗୁଡିକୁ ଆରମ୍ଭ କରାନଯାଏ ତେବେ ସମସ୍ତ କାଉନ୍‌ସିଲର ପୌରପରିଷଦରେ ଧାରଣା ଦେବା ସହ ରାସ୍ତାରୋକ କରିବେ ବୋଲି ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଭାରପାପ୍ତ ଅଧ୍ୟକ୍ଷ ବିକ୍ରାନ୍ତ କୁମାର ସାହୁ, କାଉନସିଲର ମନୋରଞ୍ଜନ ମାହାପାତ୍ର, ଲକ୍ଷ୍ମୀପ୍ରିୟା ସାହୁ, ପ୍ରିୟଙ୍କା ସୁବୁଦ୍ଧି, ସଞ୍ଜୁକ୍ତା ପ୍ରଧାନ, ସୁଦର୍ଶନ ପ୍ରଧାନଙ୍କ ସମେତ ବହୁ କାଉନ୍‌ସିଲର ଉପସ୍ଥିତ ଥିଲେ। ଅନ୍ୟପଟେ ଏନେଇ ଜିଲ୍ଲା ନଗର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସମୀର କୁମାର ଜେନାଙ୍କୁ ପଚାରିବାରେ ଏହି ଘଟଣାକୁ ନେଇ ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରାଯାଇ ନିୟମ ଓ ଆଇନ ଅନୁସାରେ କାର୍ଯ୍ୟ କରାଯିବ ବୋଲି କହିଛନ୍ତି।

## ଅନ୍ତର୍ଜାତୀୟ ରୟାଲ ଆବାକସ୍ କ୍ରାଉନ୍

# ବିବେକାନନ୍ଦ ବିଦ୍ୟାମନ୍ଦିର ଶିକ୍ଷାର୍ଥୀଙ୍କ କୃତିତ୍ୱ

ରମ୍ଭା,୩୦।୪(ସମିସ): ଗଞ୍ଜାମ ବ୍ଲକ ସନ୍ତୋଷପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରର ୧୪ ଜଣ ଶିକ୍ଷାର୍ଥୀ ଏପ୍ରେଲ ୨୬ରେ ଭୁବନେଶ୍ୱର ଓଡିଏମ ଗ୍ଲୋବାଲ ସ୍କୁଲ ପରିସରରେ ଆନ୍ତର୍ଜାତୀୟ ଆୱାକସ କ୍ରାଉନରେ ଭାଗ ନେଇ, ମାତ୍ର ୮ ମିନଟରେ ୨୦୦ଟି ଗଣିତ କରି ସପ୍ତମ ଶ୍ରେଣୀ ଶିକ୍ଷାର୍ଥୀ ଶିବ ଗୌଡ଼ ଲେବେଲ -୧ରେ ଚାମ୍ପିଅନ ହୋଇଛନ୍ତି। ସେହିପରି ରୁପାଲୀ ସାହୁ, ସାଇ ଶୁଭମ ସାହୁ, ଇତିଶ୍ରୀ ସାହୁ ଓ ଦୟାନନ୍ଦ ସାହୁ, ଶ୍ରଦ୍ଧାଞ୍ଜଳି ପଟ୍ଟନାୟକ ଓ ପ୍ରବୀଣ ଦାସ, ଦୁର୍ଯ୍ୟୋଧନ ରେଡି, ଶୁଭମ ଦାଶ, ରୁଦ୍ର ପ୍ରସାଦ ସାସମଲ, ଆକାଂକ୍ଷା ବେହେରା ଓ ଟି ଇତିଶ୍ରୀ ରେଡୀ, ସାନଭି ସେଠି ପ୍ରମୁଖ କୃତିତ୍ୱ ହାସଲ କରିଛନ୍ତି। ମୁଖ୍ୟ ଅତିଥି ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ।




# ବିଭିନ୍ନ ସ୍ଥାନରେ ନୃସିଂହ ଚତୁର୍ଦ୍ଦଶୀ







କୁକୁଡାଖଣ୍ଡି,୩୦।୪(ସମିସ): କୁକୁଡ଼ାଖଣ୍ଡି ପଞ୍ଚାୟତ ଅନ୍ତର୍ଗତ ସୁକୁଣ୍ଡା ଗ୍ରାମର ବହୁ ପୁରାତନ ଲକ୍ଷ୍ମୀ ନୃସିଂହ ମନ୍ଦିରରେ ଭକ୍ତି ଓ ଆଧ୍ୟାତ୍ମିକତା ମଧ୍ୟରେ ନୃସିଂହ ଚତୁର୍ଥୀ ଉତ୍ସବ ପାଳନ କରାଯାଇଛି। ପ୍ରତିବର୍ଷର ଭଳି ଏବର୍ଷ ମଧ୍ୟ ଏହି ପବିତ୍ର ଅବସରରେ ହାଜର ହାଜର ଭକ୍ତମାନେ ମନ୍ଦିରକୁ ଆସି ପ୍ରଭୁ ନରସିଂହଙ୍କ ଦର୍ଶନ ନେଇଥିଲେ ଓ ତାଙ୍କର ଆଶୀର୍ବାଦ ଲାଭ କରିଥିଲେ। ପ୍ରାତଃକାଳ ଠାରୁ ମନ୍ଦିର ପରିସରରେ ଭକ୍ତମାନଙ୍କର ଭିଡ଼ ଦେଖିବାକୁ ମିଳିଥିଲା। ପୂଜକ ହାଡୁ ବନ୍ଧୁ ଆଚାର୍ଯ୍ୟଙ୍କ ନେତୃତ୍ୱରେ ସମସ୍ତ ବିଧିବିଧାନ ସମ୍ପନ୍ନ ହୋଇଥିଲା। ଉତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଭକ୍ତିମୟ ସଙ୍ଗୀତ, ଭଜନ ଓ କୀର୍ତ୍ତନର ଆୟୋଜନ ମଧ୍ୟ କରାଯାଇଥିଲା। ସୁରକ୍ଷା, ପାଣି ପାନ ଓ ପ୍ରସାଦ ବଣ୍ଟନ ନିମନ୍ତେ ବିଶେଷ ବ୍ୟବସ୍ଥା ରହିଥିଲା। ସ୍ଥାନୀୟ ଯୁବକମାନେ ମଧ୍ୟ ସେବାକାର୍ଯ୍ୟରେ ଯୋଗଦେଇ ଭକ୍ତମାନଙ୍କୁ ସହଯୋଗ କରୁଥିଲେ। ସନ୍ଧ୍ୟା ସମୟରେ ମହାଆରତି ଓ ପ୍ରସାଦ ବଣ୍ଟନ ସହିତ ଉତ୍ସବର ଶେଷ ହୋଇଥିଲା।

**ଛତ୍ରପୁର:** ନୃସିଂହ ଚତୁର୍ଦ୍ଦଶୀ ଅବସରରେ ଛତ୍ରପୁର ସହର ଉତ୍ସବ ମୁଖର ହୋଇଉଠିଛି। ନୃସିଂହ ଦେବଙ୍କ ଜନ୍ମୋତ୍ସବ ପାଳନ ପାଇଁ ସହରର ବିଭିନ୍ନ ମନ୍ଦିର ଓ ବିଶେଷ କରି ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିର ସାହିରେ ଥିବା ପ୍ରଭୂ ନୃସିଂହ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ଆଧ୍ୟାତ୍ମିକ ପରିବେଶ ଓ ସ୍ୱତନ୍ତ୍ର ନୀତିକାନ୍ତି ଆଜି ଭୋରୁ ମନ୍ଦିର ଗୁଡ଼ିକରେ ପ୍ରଭୁଙ୍କ ମଙ୍ଗଳ ଆଳତି, ମଜ୍ଜନା ଓ ସ୍ୱତନ୍ତ୍ର ପଞ୍ଚାମୃତ ଅଭିଷେକ ଅନୁଷ୍ଠିତ ହୋଇଯାଇଛି। ସକାଳୁ ସକାଳୁ ରିତୀନିତୀ ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଏହା ସହିତ ହୋମ, ଯଜ୍ଞ ସହ ଅନ୍ୟାନ୍ୟ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ମନ୍ଦିର କମିଟି ପକ୍ଷରୁ ଭଜନ ସଂକୀର୍ତ୍ତନ, ପ୍ରହ୍ଲାଦ ନାଟକ ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ଠାକୁରଙ୍କୁ ରଥରେ ଉପବେସନ କରାଯାଇ ନଗର ପରିକ୍ରମା କରାଯାଇଛି। ସନ୍ଧ୍ୟାରେ "ନୃସିଂହ ଜନ୍ମ' ନୀତି ଦେଖିବା ପାଇଁ ଭକ୍ତଙ୍କ ମଧ୍ୟରେ ଅହେତୁକ ଉତ୍ସାହ ଦେଖିବାକୁ ମିଳିଛି। ଘଣ୍ଟ, ଶଙ୍ଖ ଓ ହରିବୋଲ ଧ୍ୱନିରେ ସହରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଭକ୍ତଙ୍କ ବିଶ୍ୱାସ ରହିଛି ଯେ, ନୃସିଂହ ଚତୁର୍ଦ୍ଦଶୀ ଦିନ ନିଷ୍ଠାର ସହ ପ୍ରଭୁଙ୍କୁ ଆରାଧନା କଲେ ସମସ୍ତ ରିଷ୍ଟ ଖଣ୍ଡନ ହେବା ସହ ପରିବାରରେ ସୁଖ ଶାନ୍ତି ପ୍ରତିଷ୍ଠା ହୁଏ। ଛତ୍ରପୁର ସହରବାସୀଙ୍କ ମଧ୍ୟରେ ଏହି ପର୍ବକୁ ନେଇ ବେଶ୍ ଆନନ୍ଦ ଉଲ୍ଲାସ ଦେଖାଦେଇଛି।

**ଗଞ୍ଜାମ:** ଗଞ୍ଜାମ ବ୍ଲକ ଅନ୍ତର୍ଗତ ହୁମ୍ମା, ଗଞ୍ଜାମ ଏନଏସି ଅନ୍ତର୍ଗତ ପୁଇଁତୋଳା ଓ ଗଞ୍ଜାମ ସହର ସ୍ଥିତ ମଧଖଣ୍ଡ ସାହିରେ ଭଗବାନ ନୃସିହଁ ଚତୁର୍ଦ୍ଦଶୀ ମହାସମାରୋହରେ ପାଳିତ ହୋଇଯାଇଛି।ଏହି ଅବସରରେ ପୁଇଁତୋଳାରେ ଗଙ୍ଗାମାତାଙ୍କ ପୂଜାର୍ଚ୍ଚନା ପାଇଁ କଳସ ଯାତ୍ରା ସହ ଚାରି ପ୍ରହର ନାମଯଜ୍ଞ ଗୁରବାର ସକାଳୁ ପରମ୍ପାରିକ ରୀତିନୀତି ଅନୁଯାଇ ପୂଜାର୍ଚ୍ଚନା ଓ ନାମ ସଂକୀର୍ତ୍ତନ କରାଯାଇଥିଲା। ସେହିପରି ବିଭିନ୍ନ ନୃସିଂହ ମନ୍ଦିରରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ମାନେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଠାକୁରଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଅବସରରେ ମନ୍ଦିର ପରିବେଶ ଉତ୍ସମୁଖର ହୋଇ ଉଠିଥିଲା। ଘଣ୍ଟ, ମୃଦଙ୍ଗ ଆଦି ପରମ୍ପାରିକ ବାଦ୍ୟ ବାଜଣା ଓ ହୁଳହୁଳି ରେ ସ୍ଥାନୀୟ ଅଞ୍ଚଳରେ ଅଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଅପରାହ୍ନରେ ଠାକୁରଙ୍କ ନଗର ପରିକ୍ରମା କରାଯାଇଥିଲା।

**ବୁଗୁଡ଼ା:** ସ୍ଥାନୀୟ ବଳଦେବ ମନ୍ଦିରପରିସରସ୍ଥ ନୃସିଂହ ମନ୍ଦିରରେ ନୃସିଂହ ଚର୍ତୁଦଶୀ ପାଳିତ ହୋଇଯାଇଛି। ଏ ଅବସରରେ ପୂର୍ବାହ୍ନରେ ଠାକୁରଙ୍କ ଷୋଡ଼ଶୋପଚାର ପୂଜା, ମଙ୍ଗଳ ଆଳତି, ଅଭିଷେକ ଏବଂ ସନ୍ଧ୍ୟା କାଳରେ ମହାଆଳତି, ହୋମ ସହ ନୃସିଂହନାଥଙ୍କ ଜନ୍ମୋତ୍ସବ ପାଳିତ ହୋଇଥିଲା। ପୁରୋହିତ ରାମାନୁଜ ମହାପାତ୍ର ଓ ପଦ୍ମ ଚରଣ ଦାଶ ଶର୍ମା, ପୂଜକ ଦିନବନ୍ଧୁ ପାଣି, ରମେଶ ଚନ୍ଦ୍ର ପାଣି, ହୃଷୀକେଶ ପାଣି, କାହ୍ନୁଚରଣ ପାଣିଙ୍କ ଦ୍ୱାରା ପୂଜାକାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ କର୍ତ୍ତା ଦାୟିତ୍ୱ ଗୋପାଳ ଆଚାରୀ ନିର୍ବାହ କରିଥିଲେ। ମନ୍ଦିର ପରିଚାଳନା କମିଟି ସଦସ୍ୟ ଶରତ ଚନ୍ଦ୍ର ମହାରଣାଙ୍କ ସମେତ ଜଗନ୍ନାଥ ଅଟକ ଯୁବକ ସଂଘର ସଦସ୍ୟଗଣ ସହଯୋଗ କରିଥିଲେ।

**ଆସିକା:** ଆସିକା ସହର ଠାରୁ ପଞ୍ଚାୟତରେ ଥିବା ନୃସିଂହ ମନ୍ଦିର ମାନଙ୍କରେ ଭଗବାନ ନୃସିଂହଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଆସିକା ସହରର ସୁନାମ୍ବ ରଥ ଦାଣ୍ଡ ସାହି ସ୍ଥିତ ଅଭୟ ନୃସିଂହ ମନ୍ଦିର, କାଳଷଣ୍ଢପୁର, ବିଜେ ନୃସିଂହ ମନ୍ଦିର, ନଳବଣ୍ଟା ନୃସିଂହ ମନ୍ଦିର,ପଥରା, ଜୟପୁର, ରିଷିପୁର ଆଦି ଅନେକ ସ୍ଥାନରେ ଥିବା ନୃସିହ ମନ୍ଦିର ମାନଙ୍କରେ ଜନ୍ମ ଜୟନ୍ତୀ ପାଳିତ ହୋଇଛି। ଏଥିପାଇଁ ପ୍ରାତଃ ସମୟରୁ ଦ୍ୱାର ଫିଠା, ମଙ୍ଗଳ ଆରତୀ, ଅବକାଶ, ସ୍ୱତନ୍ତ୍ର ବେଶ, ଅନୁଷ୍ଠିତ ହୋଇଥିଲା। ଏହା ପରେ ବିଜେ ମୂର୍ତ୍ତିଙ୍କୁ ଯଜ୍ଞ ମଣ୍ଡପରେ ବିଜେ କରି ପଣ୍ଡିତଙ୍କ ଦ୍ୱାରା ବିଧାନ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ଆରତୀ ପରେ ନଗର ଭ୍ରମଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ରମ୍ଭାରେ ସ୍ୱାଭିମାନ ଦିବସ ପାଳିତ

ରମ୍ଭା,୩୦।୪(ସମିସ): ରମ୍ଭା ଗାୟତ୍ରୀ ଶକ୍ତିପୀଠ ପରିସରରେ ଗ୍ରୀନ୍ ପିସ ଭିଲେଜ ଫାଉଣ୍ଡେସନ ଓ ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ ସ୍ମୃତି ସାହିତ୍ୟ ଓ ସାଂସ୍କୃତିକ ପରିଷଦ ତରଫରୁ ମଧୁସୂଦନ ଦାସଙ୍କର ଜୟନ୍ତୀକୁ ସ୍ୱାଭିମାନ ଦିବସ ଭାବେ ପାଳନ କରାଯାଇଛି। ମୁଖ୍ୟ ଅତିଥିଭାବେ ସାଉଦି ଆରବରେ ଅବସ୍ଥାପିତ ଇଣ୍ଟର ନ୍ୟାସନାଲ ଓଡ଼ିଆ ଫାଉଣ୍ଡେସନର ଚେୟାରମ୍ୟାନ ପ୍ରତାପ ନାୟକ, ସମ୍ମାନୀତ ଅତିଥିଭାବେ ଶ୍ରୀଜଗନ୍ନାଥ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ରବୀନ୍ଦ୍ର କୁମାର ନାୟକ, ବକ୍ତାଭାବେ ଶ୍ରୀରାମ ଶର୍ମା ଆଚାର୍ଯ୍ୟ, ସାହିତ୍ୟ ଓ ସାଂସ୍କୃତିକ ପରିଷଦର ସମ୍ପାଦକ ପ୍ରକୃତିବନ୍ଧୁ ପଞ୍ଚାନନ ଖଟୁଆ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଗ୍ରୀନ ପିସର ସଭାପତି ପ୍ରକାଶ ନାୟକ, ସମ୍ପାଦକ ପ୍ରଶାନ୍ତ କୁମାର ଦାସ, ଦେବେନ୍ଦ୍ର ନାହାକ, ଆଲୋକ ରଞ୍ଜନ ନାହାକ, ନୀଳାଦ୍ରି ବିହାରୀ ନାହାକ, ଦେବାଶିଷ ନାହାକ, ଶଶି ଜେନା, ଅବକାଶ ନାହାକ, ବାଇବିନ ବାବା ସାହିତ୍ୟ ଓ ସାଂସ୍କୃତିକ ପରିଷଦର ପ୍ରତିଷ୍ଠାତା ଶେଷଦେବ ବେହେରା, ଉମାକାନ୍ତ ସାହୁ, ଲିଙ୍ଗରାଜ ପାତ୍ର, ବିଜୟ ମିସ୍ତ୍ରୀ, ସତ୍ୟନାରାୟଣ ଆଚାରୀ, ପଞ୍ଚାନନ ନାହାକ, ରାକେଶ ନାହାକ, ପିୟୁଷ ନାହାକ ପ୍ରମୁଖ ଯୋଗଦେଇଥିଲେ। ଗ୍ରୀନ ପିସ ଭିଲେଜ ଫାଉଣ୍ଡେସନର ସମ୍ପାଦକ ପ୍ରଶାନ୍ତ କୁମାର ଦାସ ଧନ୍ୟବାଦ ଦେଇଥିଲେ।

# କଳଙ୍କି ଲୁହାଛଡ଼ରେ ଚାଲିଛି ମେଡିକାଲ କୋଠା ନିର୍ମାଣ

କବିସୂର୍ଯ୍ୟନଗର,୩୦।୪(ସମିସ): କବିସୂର୍ଯ୍ୟନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନିର୍ମାଣ ହେଉଥିବା ୩୦ ଶଯ୍ୟା ବିଶିଷ୍ଟ କୋଠା କାମରେ କଳଙ୍କି ଲଗା ଲୁହାଛଡ଼ ବ୍ୟବହାର ହେଉଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର



ପରିସରରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଛି ଏହି ବିଲିଡିଂ। ହେଲେ ଠିକାଦାର ପିଲର ନିର୍ମାଣରେ କଳଙ୍କି ଯୁକ୍ତ ଲୁହାଛଡ଼ ବ୍ୟବହାର କରୁଥିବାବେଳେ କାମରେ ପାଣି ଦିଆଯାଉନି। ଫଳରେ ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ପିଡବ୍ଲୁଡ଼ି ଅଧିକାରୀଙ୍କ ଦେଖା ମିଳୁନି। ଫଳରେ କାମ ମନଇଛା ହେଉଛି। ତେଣୁ ତୁରନ୍ତ ବିଭାଗୀୟ ଯନ୍ତ୍ରୀ କାର୍ଯ୍ୟ ନିରୀକ୍ଷଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ୪୦୫୦ କେଜି ଗଞ୍ଜେଇ ଜବତ



ଫିରିଙ୍ଗିଆ,୩୦।୪(ସମିସ): ଗୋଛାପଡା ପୁଲିସ ଗଞ୍ଜେଇ ଗଚ୍ଛିତ ରଖି ଚାଲାଣ କରାଯାଉଥିବା ଖବର ପାଇ କିଲୁପଙ୍ଗା ଜଙ୍ଗଲ ଏବଂ ଜାମୁଝରି ଜଙ୍ଗଲରେ ଅତର୍କିତ ଚଢ଼ଉ କରିଥିଲା। ଚଢ଼ଉରେ ୨ ହଜାର ୫ ଶହ ୫୦ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଏନେଇ ଏକ ମାମଲା ରୁଜୁ ହୋଇଥିବା ବେଳେ ଅଧିକ ତଦନ୍ତ ଚାଲୁ ରହିଥିବା ଗୋଛାପଡା ଥାନା ଅଧିକାରି ସଞ୍ଜୀବ ବେହେରା ସୂଚନା ଦେଇଛନ୍ତି। ସେହିଭଳି ଫିରିଙ୍ଗିଆ ଥାନା ପକ୍ଷରୁ ମଧ୍ୟ ଜଙ୍ଗଲରେ ଗଞ୍ଜେଇ ରଖି ଚାଲାଣ ପାଇଁ ପ୍ରସ୍ତୁତ ହେଉଥିବା ଖବର ପାଇ ଫିରିଙ୍ଗିଆ ଥାନା ଅଧିକାରୀ ମୁରଲୀ ଧର ସାହୁଙ୍କ ନେତୃତ୍ୱରେ ଚଢ଼ଉ କରାଯାଇ ପନ୍ଦର ଶହ କିଲୋ ଗଞ୍ଜେଇ ଜବତ କରାଯାଇଥିଲା। ଫିରିଙ୍ଗିଆ ଥାନାରେ ମଧ୍ୟ ଗଞ୍ଜେଇ ଚାଲାଣକୁ ନେଇ ମାମଲା ରୁଜୁ କାରି ଅଧିକ ତଦନ୍ତ ଚାଲୁ ରହିଥିବା ଫିରିଙ୍ଗିଆ ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ଜଳିଗଲା ପାଳଗଦା



ପାରଳାଖେମୁଣ୍ଡି,୩୦।୪(ସମିସ): ଗୋଷାଣି ବ୍ଲକ ଗୁରାଣ୍ଡି ଗ୍ରାମ ନିକଟସ୍ଥ ଧାନ ମିଲ୍ ପଛପଟେ ଥିବା ପାଳଗଦାରେ ନିଆଁ ଲାଗି ଜଳିଯାଇଛି। ଆଜି ରାତି ୭ଟା ବେଳେ ବଙ୍ଗୁ ଏକାଦଶୀ ନାମକ ଜଣେ ଚାଷୀଙ୍କ ପାଳଗଦାରେ ନିଆଁ ଲାଗିଯାଇଥିଲା। ଲୋକେ ତୁରନ୍ତ ପାରଳାଖେମୁଣ୍ଡି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଦୁଇଟି ଦମକଳ ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସେତେବେଳେ ସମସ୍ତ ପାଳ ପୋଡ଼ି ଯାଇଥିଲା। କେଉଁ ପରିସ୍ଥିତିରେ ନିଆଁ ଲାଗିଲା ତାହା ସ୍ପଷ୍ଟ ଭାବେ ଜଣାପଡ଼ିନି। ପୋଡ଼ି ଯାଇଥିବା ପାଳ ୫ଏକର ପରିମିତ ଜମିର ବୋଲି ଜଣାପଡିଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କା ହେବ ବୋଲି କୁହାଯାଇଛି।

**ଆଇସିଏସ୍ଇ ଦଶମ ପରୀକ୍ଷା**

# ଜେନ୍ସି ମେରୀ ରାଇକିଆ ବ୍ଲକ୍ ଟପ୍ପର



ରାଇକିଆ ,୩୦।୪(ସମିସ): ଆଇସିଏସଇ ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ଜେନସି ମେରୀ ରାଇକିଆ ବ୍ଲକ୍ ଟପ୍ପର ହୋଇଛନ୍ତି। ରାଇକିଆ ସେଣ୍ଟ କ୍ୟାଥରିନ୍ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ଜେନସି ମେରୀ ଟଣ୍ଡନ ୯୬ ପ୍ରତିଶତ ମାର୍କ ରଖି ବ୍ଲକ୍ ଟପର୍ ହୋଇଛନ୍ତି। ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଅଧ୍ୟକ୍ଷା ଶିଷ୍ଟର ଡରତିଙ୍କ ସହ ସମସ୍ତ ଶିକ୍ଷକ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଚନ୍ଦନ ଯାତ୍ରା ଓ ନୃସିଂହ ଜନ୍ମ ପାଇଁ କଳସ ଯାତ୍ରା



ଫିରିଙ୍ଗିଆ, ୩୦।୪(ସମିସ): ଫିରିଙ୍ଗିଆ ବ୍ଲକ ନୂଆପଡ଼ାରେ ବହୁ ପୁରାତନ ନୃସିଂହ ଗାଦି ନୃସିଂହ ମନ୍ଦିର ପରିସରରେ ପବିତ୍ର ଚନ୍ଦନ ଯାତ୍ରା ଓ ନୃସିଂହ ଜନ୍ମ ଅବସରରେ ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ନୂଆପଡ଼ା ନୃସିଂହମନ୍ଦିରରୁ କଳସ ଯାତ୍ରା ବାହାରି ୨ କିଲୋମିଟରରୁ ଊର୍ଦ୍ଧ୍ୱ ସଖିପଡ଼ା ନିକଟ ବାଘ ନଦୀରେ ପୂଜା ପାଠ ସହ ପୁଣି ଥରେ ଜଳ କଳସ ଭରି ପ୍ରତ୍ୟାବର୍ତ୍ତନ କରିଥିଲେ। ୨ଶହରୁ ଅଧିକ ମହିଳା ଶୋଭାଯାତ୍ରାରେ ଯାଇ ମଣ୍ଡପରେ କଳସ ସ୍ଥାପନ କରିଥିଲେ। କମିଟି ସୂଚନା ଅନୁସାରେ ରାତି ତମାମ ନୃସିଂହ ଜନ୍ମ ଓ ଚନ୍ଦନ ଯାତ୍ରା କାର୍ଯ୍ୟକ୍ରମ ରହିଥିବା ବେଳେ ଆସନ୍ତାକାଲି ସକାଳୁ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବ। ତୃତୀୟ ଦିବସରେ ଅଷ୍ଟ ପ୍ରହର ସମାପନ ସହ ଅନ୍ନଯଜ୍ଞ, ଜ୍ଞାନଯଜ୍ଞ ହେବ। କମିଟି ସଭାପତି ଜ୍ୟୋତିଶ କୁମାର ସାହୁ, ଉପ ସଭାପତି ସରୋଜ କୁମାର ସାହୁ, ସମ୍ପାଦକ ହେମନ୍ତ କୁମାର ବେହେରା, ପ୍ରଦୀପ ନାୟକ, ପରମେଶ୍ୱର ଭୁକ୍ତା, ଅରୁଣ କହଁର, ଅଚ୍ୟୁତାନନ୍ଦ କହଁର, ଲତା ବେହେରା, ଲଳିତା ସାହୁ ଓ ଗ୍ରାମବାସୀଙ୍କ ସହ ନୂଆପଡା, ଗୋପୀପଦର, ସୁନା କାତ୍ରୁ, ଆଖପାଖ ଅଞ୍ଚଳର ଜନସାଧାରଣ ସହଯୋଗ କରିଥିଲେ। କର୍ତ୍ତା ଭାବବେ ବୁଦ୍ଧଦେବ ଭୁକ୍ତା ଓ ସଂଗୀତା ଭୁକ୍ତା ଓ ମୁଖ୍ୟ ପୁରୋହିତ ଭାବରେ ସୀମାଞ୍ଚଳ ପଣ୍ଡା ଓ ଭାଗବତ ପଣ୍ଡା ସମସ୍ତ ଦାୟିତ୍ୱ ତୁଲାଉଛନ୍ତି।

**କାଳବୈଶାଖୀର ତାଣ୍ଡବ**

# ଉଡ଼ିଲା ଛପର, ଛିଡ଼ିଲା ତାର, ଭାଙ୍ଗିଲା ଗଛ

ମୋହନା,୩୦।୪(ସମିସ)





କାଳ ବୈଶାଖୀ ଉଜାଡିଦେଲା ଘରଦ୍ୱାର। ୨ ପରିବାର ଖୋଲା ଆକାଶ ତଳେ ରହିଛନ୍ତି। ବୁଧବାର କାଳବୈଶାଖୀର ପ୍ରଭାବରେ ମୋହନା ଅଞ୍ଚଳର ବିଭିନ୍ନ ସ୍ଥାନରେ କ୍ଷୟକ୍ଷତିର ଚିତ୍ର ଆସିଛି। ବ୍ଲକର ଦୁର୍ଗମ ପାହାଡ଼ ପର୍ବତ ଘେରରେ ଥିବା ଗୁରୁଝୋଳି ଗ୍ରାମରେ ୪ ପରିବାରର କଚ୍ଚା ଘରର ଛପର ଉଡିଯିବା ସହ ବ୍ୟାପକ କ୍ଷୟକ୍ଷତି ହୋଇଛି। ଗ୍ରାମର ମାରିଆନ୍ ନାୟକ, ନମିତା ପାତ୍ର, ପ୍ରଶାନ୍ତ ସିଂ ଓ ରିଗି ସିଂଙ୍କ ଘରର ଛପର ଉଡିଯାଇଛି। ଘର ପାଖରେ ଥିବା ଗୁହାଳ ଘର ମଧ୍ୟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ବିଦ୍ୟୁତ୍ ତାର ଛିଡି ବିଦ୍ୟୁତ୍ ସରବରାହ ବ୍ୟାଘାତ ହୋଇଛି। ଘଟଣାର ୨୪ ଘଣ୍ଟା ପୁରିଥିଲେ ମଧ୍ୟ କ୍ଷତିଗ୍ରସ୍ତଙ୍କ ନିକଟରେ କୌଣସି ସରକାରୀ କର୍ମଚାରୀ ପହଞ୍ଚି ନାହାନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଖୋଲା ଆକାଶ ତଳେ ସରକାରୀ ସହାୟତାକୁ ଚାହିଁ ବସିଛନ୍ତି କ୍ଷତିଗ୍ରସ୍ତ। ଏନେଇ ମୋହନା ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳପାରିନାହିଁ।

**ଫିରିଙ୍ଗିଆ:** ସେହିପରି ଫୁଲବାଣୀ ବ୍ଲକ ପକାନା ଗାଁ ମୁଖ୍ୟ ରାସ୍ତାରେ ଏକ ବିରାଟକାୟ ଆମ୍ବ ଗଛ ଉପୁଡି ୩ ଘଣ୍ଟା ଧରି ଯାତାୟାତ ପ୍ରଭାବିତ ହୋଇଥିଲା। ଫୁଲବାଣୀ ଦମକଳ ବାହିନୀ ପହଞ୍ଚି ଅକ୍ଳାନ୍ତ ପରିଶ୍ରମ ପରେ ରାସ୍ତାରୁ ଗଛ କାଟି ହଟାଇଥିଲା। ରାସ୍ତାରୁ ଗଛ ହଟିବା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା। ରାସ୍ତାର ଉଭୟ ପାଶ୍ୱର୍ରେ ବହୁ ସଂଖ୍ୟାରେ ଯାନବାହାନ ଅଟକି ରହିଥିଲା। ସେହିଭଳି ଫିରିଙ୍ଗିଆ ବ୍ଲକର ବିଭିନ୍ନ ଗାଁରେ କାଳବୈଶାଖୀରେ ବହୁ ଲୋକଙ୍କ ଘର ଛପର ଉଡି ଯାଇଥିବା ବେଳେ ଗଛ ଡାଳ ପଡ଼ିରହିଛି। ନୂଆପଡା ଗାଁରେ ହେଉଥିବା ଏକ ଯଜ୍ଞର ଟେଣ୍ଟ ପବନରେ ଉଡ଼ି ବହୁ କ୍ଷୟକ୍ଷତି ହୋଇଛି।

# ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଫାଇନାଲ ପେନସନ୍ ଆଦେଶ ପ୍ରଦାନ**

ପାରଳାଖେମୁଣ୍ଡି,୩୦।୪(ସମିସ):




ଗୋଷାଣି କ୍ଲଷ୍ଟର ଆଙ୍କୁଡୁ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଜି. ଭାସ୍କର ରାଓଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହା ସହ ଫାଇନାଲ ପେନସନ୍ ଆଦେଶପତ୍ର ମଧ୍ୟ ପ୍ରଦାନ କରାଯାଇଛି। ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେନ୍ଦ୍ର ମିସ୍ତ୍ରିଙ୍କ ସଭାପତିତ୍ୱରେ ହୋଇଥିଲା। ଏଥିରେ ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ୍. ବୀରରାଜୁ, ଅତିରିକ୍ତ ଶିକ୍ଷାଧିକାରୀ ଶୋମଶେଖର ରାଓ, ଜିଲ୍ଲା ଶିକ୍ଷା ତାଲିମ ପ୍ରତିଷ୍ଠାନର ଡାକ୍ତର ମୁର୍ମୁ, ବଡ଼ଗୋଷାଣି ସରପଞ୍ଚ ବି. ମୋହନରାଓ, ଗୋଷାଣି ବ୍ଲକ ପଞ୍ଚାୟତ ଉନ୍ନୟନ ଅଧିକାରୀ ଅଶୋକ କୁମାର ପାତ୍ର, ପିଇଓ ବିନୋଦ ଗୌଡ, କବି ଘନଶ୍ୟାମ ଜେନା ଅତିଥି ଭାବେ ଯୋଗଦେଇ ଶ୍ରୀ ରାଓ ଅବସରକାଳୀନ ସୁଖ ଓ ନିରାମୟରେ ବିତାନ୍ତୁ ବୋଲି କାମନା କରିଥିଲେ। ଏଥିରେ ବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଯୋଗ ଦେଇଥିଲେ। ଏହି ଅବସରରେ ଅତିରିକ୍ତ ଶିକ୍ଷାଧିକାରୀ ଶୋମଶେଖର ରାଓ ଫାଇନାଲ ପେନସନ୍ ଆଦେଶପତ୍ର ପ୍ରଦାନ କରିଥିଲେ। ଗୋଷାଣି କ୍ଲଷ୍ଟର ସିଆରସିସି ରଶ୍ମିତା ସାମଲ ସଂଯୋଜନା କରିଥଲେ।

# ଆର୍.ଉଦୟଗିରି ଏସ୍‌ଡିପିଓଙ୍କୁ ନିଶାମୁକ୍ତ ଓଡିଶା ଅଭିଯାନ ପୁରସ୍କାର



ପାରଳାଖେମୁଣ୍ଡି,୩୦।୪(ସମିସ): ଆର୍. ଉଦୟଗିରି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରାକେଶ କୁମାର ସାହୁ ନିଶା ମୁକ୍ତ ଓଡ଼ିଶା ଅଭିଯାନ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆଦିବାସୀ ଅଧ୍ୟୁଷିତ ଗଜପତି ଜିଲ୍ଲାରେ ଦିନକୁ ଦିନ ଗଞ୍ଜେଇ ମାଫିଆଙ୍କ କାରବାର ବୃଦ୍ଧି ପାଉଥିବା ବେଳେ ଏଥିରେ ନିରୀହ ଆଦିବାସୀଙ୍କୁ ଦଲାଲ ବିଭିନ୍ନ ପ୍ରଲୋଭନ ଦେଖାଇ ଗଞ୍ଜେଇ ଚାଷ କରିବାକୁ ପ୍ରୋତ୍ସାହିତ କରୁଛନ୍ତି। ଜିଲ୍ଲାରେ ପ୍ରଶାସନର ସଚେତନତା ସତ୍ତ୍ୱେ ଆର୍. ଉଦୟଗିରି, ମୋହନା ଓ ନୂଆଗଡ ବ୍ଲକର ଶହ ଶହ ନିରୀହ ଲୋକେ ଗଞ୍ଜେଇ ଚାଷ କରି ଦଲାଲଙ୍କୁ ବିକ୍ରି କରୁଛନ୍ତି। ଗଞ୍ଜେଇ ଚାଷକୁ ସମୂହ ନାଶ କରିବାକୁ କଡା ଆଭିମୁଖ୍ୟ ଗ୍ରହଣ କରି ପ୍ରତ୍ୟେକ ଦିନ ବିପୁଳ ପରିମାଣର ଗଞ୍ଜେଇ ଜବତ କରିବା ସହ ବହୁ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରିଛନ୍ତି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ। ତାଙ୍କ ନେତୃତ୍ୱରେ ଗତ ୪ ମାସ ମଧ୍ୟରେ ଆର୍. ଉଦୟଗିରି ଓ ଅଡବା ଅଞ୍ଚଳରେ ପ୍ରାୟ ୧୮ କ୍ୱିଣ୍ଟାଲରୁ ଉଦ୍ଧ୍ୱର୍ ଗଞ୍ଜେଇ ଜବତ କରାଯାଇଛି। ଯାହାର ଅନୁମାନିକ ମୂଲ୍ୟ ୧୮ କୋଟି ଅଧିକ ହେବ ବୋଲି କୁହାଯାଇଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ଯୁବ ଆଇପିଏସ୍ ଶ୍ରୀ ସାହୁଙ୍କୁ ଡିଜିପି ଡିସ୍କ ଆୱାର୍ଡରେ ସମ୍ମାନିତ କରି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ କରିଥିବା ଜଣାପଡିଛି।

**ଅତି ନିମ୍ନମାନର କାମ ଅଭିଯୋଗ**

# ନିର୍ମାଣର ବର୍ଷକରେ ରାସ୍ତାରୁ ଉଠିଲା ପିଚୁ

ଗୁମ୍ମା,୩୦।୪(ସମିସ): ସରକାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ବିକାଶ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରିଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଉଦ୍ଦେଶ୍ୟ ସାଧନ ହୋଇପାରୁନି। ଗୁମ୍ମା ବ୍ଲକ ସଦର ମହକୁମା ପୂର୍ତ୍ତ ମୁଖ୍ୟ ରାସ୍ତା ଠାରୁ ଷ୍ଟେଟ ବ୍ୟାଙ୍କ ରାସ୍ତାର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ୨ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। କିନ୍ତୁ ଉକ୍ତ ରାସ୍ତା କାମ ଶେଷ ହେବାର ଏକ ବର୍ଷ ମଧ୍ୟରେ ପିଚୁ ଉଠିଯାଇ ଗୋଡି ଦେଖାଯାଉଛି। ଅତି ନିମ୍ନମାନର କାମ ଯୋଗୁଁ ଏପରି ହୋଇଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ରାସ୍ତା ନିର୍ମାଣରେ ଆବଶ୍ୟକ ପରିମାଣର ସିମେଣ୍ଟ, ବାଲି ଏବଂ ପିଚୁ ବ୍ୟବହାର କରାଯାଇ ନ ଥିବା ଓ ସିସି ରୋଡ଼ ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ୭ଦିନ ଧରି ପରିମାଣର ପାଣି ପକାଇବାର ନିୟମ ରହିଛି। କିନ୍ତୁ ଉକ୍ତ ରାସ୍ତା ନିର୍ମାଣରେ ନିୟମକୁ ଜଳାଞ୍ଜଳି ଦେଇ ସରକାରୀ ଟଙ୍କାର ଅପବ୍ୟବହାର କରାଯାଇ ନିମ୍ନମାନର କାମ କରାଯାଇଥିଲା।






ତତ୍କାଳୀନ କନିଷ୍ଠ ଯନ୍ତ୍ରୀ ଉକ୍ତ କାର୍ଯ୍ୟ ସମ୍ପାଦନ କରିଥିବା ଜଣାପଡ଼ିଛି। ଗୁମ୍ମା ବ୍ଲକ କାର୍ଯ୍ୟାଳୟର ଅତି ନିକଟରେ ଯଦି ଏପରି ନିମ୍ନମାନର କାର୍ଯ୍ୟ ହୋଇଛି ତାହେଲେ ପାହାଡ଼ ପର୍ବତ ଶିଖରର ବିଭିନ୍ନ ପଞ୍ଚାୟତ ସ୍ତରରେ କେମିତି କାର୍ଯ୍ୟ ହୋଇଥିବ ତାହା ସହଜେ ଅନୁମେୟ ବୋଲି କୁହାଯାଉଛି। ଏପରି ନିମ୍ନମାନର କାମର ଭିଜିଲାନ୍ସ ତଦନ୍ତ କରାଯିବାକୁ ଦାବି ହେଉଛି। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କରାଗଲେ ମଧ୍ୟ କୌଣସି ଉତ୍ତର ମିଳିନାହିଁ।

# ବିଜେପିର ଜନଆକ୍ରୋଶ ମହିଳା ସମାବେଶ

ରାଇକିଆ,୩୦।୪(ସମିସ): ରାଇକିଆ ୧୭ ଓ ୧୮ ନମ୍ବର ବିଜେପି ମଣ୍ଡଳ ପକ୍ଷରୁ ଜନଆକ୍ରୋଶ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ରାଲିରେ ଶତାଧିକ ମହିଳା ଓ ଦଳୀୟ କର୍ମକର୍ତ୍ତା ଯୋଗଦେଇ ବସ୍‌ଷ୍ଟାଣ୍ଡରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲ୍ଲା ବିଜେପି ଉପସଭାନେତ୍ରୀ ଝୁଲିମା ଦଳ ବେହେରାଙ୍କ ନେତୃତ୍ୱରେ ବ୍ଲକ୍ ଅଧ୍ୟକ୍ଷା ରୀନା ପ୍ରଧାନ, ରାଇକିଆ ସରପଞ୍ଚ ଗୀତାଞ୍ଜଳି ନାୟକ ଓ ମଣ୍ଡାକିଆ ପୂର୍ବତନ ସରପଞ୍ଚ ସୁଷମା ପ୍ରଧାନଙ୍କ ସମେତ ବହୁ ସଂଖ୍ୟାରେ ମହିଳା ସାମିଲ ହୋଇଥିଲେ। ବିଜେପି ଜିଲ୍ଲା ସଭାପତି ପଣ୍ଡିତ ବିଶି ମାଝୀ, ସମ୍ପାଦକ ସୁକାନ୍ତ କୁମାର ସାହୁ, ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ତଥା ସାଂସଦ ପ୍ରତିନିଧି ସନ୍ତୋଷ କୁମାର ଲେଙ୍କା, ରାଇକିଆ ୧୭ ନଂ ଜୋନ୍ ମଣ୍ଡଳ ସଭାପତି ସନ୍ତୋଷ ପାତ୍ର, ୧୮ ନଂ ଜୋନ୍ ସଭାପତି ଗଜେନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ କୈଳାଶ ପଣ୍ଡାଙ୍କ ସମେତ ଦଳୀୟ କର୍ମକର୍ତ୍ତା ସହଯୋଗ କରିଥିଲେ।

**ଜି.ଉଦୟଗିରି:** ସେହିପରି ଜି.ଉଦୟଗିରିରେ ବିଜେପି ପକ୍ଷରୁ ଶତାଧିକ ମହିଳା ଶୋଭାଯାତ୍ରାରେ ବାହାରି ସହରର ବରାଳିନୀ ବଜାର, ଗାନ୍ଧିଛକ, ଲକ୍ଷ୍ମୀବଜାର, ବନ୍ଧଛକ, ନୁଆହାଟ ପରିକ୍ରମା କରିଥିଲେ। ଦଳର ମହିଳା ନେତ୍ରୀ ତଥା କଇଁଝର ସମିତିସଭ୍ୟ ମିନତୀ ପ୍ରଧାନ ଓ ଜି.ଉଦୟଗିରି କାଉନସିଲର ନମିତା ନାୟକ, ଜି.ଉଦୟଗିରି ବିଜେପି ନଗର ସଭାପତି ଭେଙ୍କଟ ବେହେରା, ପ୍ରୀୟବ୍ରତ ସାହୁ, ପ୍ରଶାନ୍ତ ମୁନୀ ଓ ବିରାଜ କହଁର ପ୍ରମୁଖ ସାମିଲ ହୋଇଥିଲେ।

# ରାସ୍ତା ନିର୍ମାଣ ପାଇଁ ଯନ୍ତ୍ରୀଙ୍କୁ ଗ୍ରାମବାସୀଙ୍କ ଦାବିପତ୍ର

ଗୁମ୍ମା,୩୦।୪(ସମିସ): ଗୁମ୍ମା ବ୍ଲକ ପରିଡ଼ା ପଞ୍ଚାୟତର ଜାନିଗୁଡ଼ା ଓ ଜାନିଗାଁରେ ରାସ୍ତା ନିର୍ମାଣ ପାଇଁ ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କୁ ଭେଟି ଦାବି ଜଣାଇଛନ୍ତି ଗ୍ରାମବାସୀ। ଉଭୟ ଗ୍ରାମ ପାହାଡିଆ ଆଦିବାସୀ ବହୁଳ। ଏହି ଗ୍ରାମର ଛାତ୍ରଛାତ୍ରୀ ରାସ୍ତା ନଥିବାରୁ ବହୁ କଷ୍ଟକରି ବିଦ୍ୟାଳୟକୁ ଯିବାଆସିବା କରୁଛନ୍ତି। ରୋଗୀ ଓ ଗର୍ଭବତୀ ରାସ୍ତା ନଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ମୌଳିକ ସମସ୍ୟାରେ ଜର୍ଜରିତ ହୋଇଛନ୍ତି ଦୁଇ ଗ୍ରାମବାସୀ। ସମସ୍ୟାର ସମାଧାନ ପାଇଁ ଆଜି ଗ୍ରାମବାସୀ ଏକତ୍ର ହୋଇ ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀଙ୍କ ନିକଟକୁ ଯାଇଥିଲେ। ବିଧାୟକଙ୍କ ଜରିଆରେ ମୁଖ୍ୟଯନ୍ତ୍ରୀ (ରାସ୍ତା) ନିର୍ମଳ ଦାସଙ୍କୁ ସାକ୍ଷାତ କରି ଲିଖିତ ଭାବେ ଜଣାଇବା ସହ ଓ ପାରଳାଖେମୁଣ୍ଡି ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଯନ୍ତ୍ରୀ ଦିଲୀପ ବେହେରାଙ୍କୁ ଟେଲିଫୋନରେ ସମସ୍ୟା ସମ୍ପର୍କରେ ଜଣାଇଥିଲେ। ମୁଖ୍ୟଯନ୍ତ୍ରୀ ଶ୍ରୀ ଦାସ ଏହି ରାସ୍ତା କାମ ଅତି ଶୀଘ୍ର କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ମୁଖ୍ୟରାସ୍ତା ଠାରୁ ଜାନିଗାଁ ୫ କିଲୋମିଟର ରାସ୍ତା ନିର୍ମାଣ ହେଲେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନର ବହୁ ସୁବିଧା ହେବ ବୋଲି ଗ୍ରାମବାସୀ କହିଛନ୍ତି। ମୁଖ୍ୟଯନ୍ତ୍ରୀଙ୍କ ସାକ୍ଷାତ ସମୟରେ ବିଧାୟକଙ୍କ ସମେତ ସ୍ଥାନୀୟ ୱାର୍ଡସଭ୍ୟ ଜବଲ୍ ରଇତ, ପୂର୍ବତନ ସରପଞ୍ଚ ଅପୂଲ୍ ନାୟିକା ଓ ୱାର୍ଡସଭ୍ୟ ଜୁସେବ ରଇତ ଉପସ୍ଥିତ ଥିଲେ।



**ନବନିର୍ମାଣ କୃଷକ ସଂଗଠନର ସ୍ୱାଭିମାନ ଯାତ୍ରା**

# ଚାଷୀକୁ ପ୍ରାଇସ୍, ପେନ୍‌ସନ୍ ଦାବି

ପାରଳାଖେମୁଣ୍ଡି,୩୦।୪(ସମିସ)



ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉପଲକ୍ଷେ ଏପ୍ରିଲ୍ ୨୮ ରୁ ମେ' ୧୪ ପର୍ଯ୍ୟନ୍ତ କୃଷକ ସ୍ୱାଭିମାନ ଯାତ୍ରା କରାଯାଉଛି। ଆଜି ତୃତୀୟ ଦିବସରେ ଗୋଷାଣି ବ୍ଲକ ଅନ୍ତର୍ଗତ ଉପଲଡା ନିୟନ୍ତ୍ରିତ ବଜାର କମିଟି ପରିସରରେ ଏକ ସାଧାରଣ ସଭା ହୋଇଥିଲା। ଏଥିରେ କୃଷକଙ୍କ ଗଣତାନ୍ତ୍ରିକ ଅଧିକାର ତଥା ସାମ୍ବିଧାନିକ ମୂଲ୍ୟକୁ କିଭଳି ଆଜିର ଡବଲ ଇଞ୍ଜିନ ସରକାର ଦଳିଚକଟି ଧ୍ୱସ୍ତ କରୁଛନ୍ତି ତାର ଉଦାହରଣ ଉପସ୍ଥାପନ କରି ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି ନବ ନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଓ ବହୁ ଚାଷୀ। ଗତ ମାର୍ଚ୍ଚ ୨୨ରୁ କେନ୍ଦୁଝର ଘଟଗାଁରୁ ରାଜଧାନୀ ଭୁବନେଶ୍ୱର ଅଭିମୁଖେ ଚାଲିଥିବା କୃଷକ ଏକତା ପଦଯାତ୍ରାକୁ ଚାଷୀକୁ ପ୍ରାଇସ୍, ପେନସନ୍ ଦାବି ସହିତ ମୂଳ ଅଧିବାସୀର ଜଳ ଜମି, ଜଙ୍ଗଲ ଓ ଖଣି ଉପରେ ତାର ଅଧିକାରକୁ ସାବ୍ୟସ୍ତ କରିବା ସହିତ ୨୧ ଦଫା ସମ୍ବଳିତ ଦାବିକୁ ନେଇ ଭୁବନେଶ୍ୱରରେ ମାର୍ଚ୍ଚ ୩୧ ତାରିଖରେ ସମାବେଶ ପାଇଁ ପହଞ୍ଚିବା ପୂର୍ବରୁ ମାର୍ଚ୍ଚ ୩୦ ତାରିଖରେ ଫୁଲନଖରାରେ ରାଷ୍ଟ୍ରୀୟ ଚାଷୀ ନେତା ରାକେଶ ଟିକାୟତ ଓ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ସମେତ ୭ଶହ ଚାଷୀଙ୍କୁ ଗିରଫ କରାଯାଇଥିଲା। ପରେ ରାକେଶ ଟିକାୟତ ଓ ଅନ୍ୟମାନଙ୍କୁ ଛାଡ଼ି ଦିଆଯାଇଥିଲା। କିନ୍ତୁ ଅକ୍ଷୟ କୁମାରଙ୍କ ସମେତ ୧୩ ଜଣଙ୍କୁ ଗିରଫ କରି ମିଥ୍ୟା ମାମଲାରେ ଫସାଇ ବିଭିନ୍ନ ଧାରା ଲଗାଇ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଥିଲା।। ୧୫ ଦିନ ଜେଲରେ ରହି ଏପ୍ରିଲ୍ ୧୩ରେ ଜାମିନରେ ଆସିବା ପରେ ଗତ ଏପ୍ରିଲ ୨୮ ତାରିଖ ଉତ୍କଳ ଗୌରବ ମଧୁବାବୁଙ୍କ ପୂଣ୍ୟତିଥିରୁ କଟକର ସତ୍ୟଭାମାପୁର ଠାରୁ କୃଷକ ସ୍ୱାଭିମାନ ଯାତ୍ରାରେ ବାହାରି କଟକ, ନୟାଗଡ, କନ୍ଧମାଳ, ବ୍ରହ୍ମପୁର ଦେଇ ଆଜି ଗଜପତିର ଗୋଷାଣି ବ୍ଲକ ଅନ୍ତର୍ଗତ ଉପଲଡା ସ୍ଥିତ ନିୟନ୍ତ୍ରିତ ବଜାର କମିଟି ପରିସରରେ ପହଞ୍ଚିଥିଲା। ଅଭିଯାତ୍ରୀଙ୍କୁ ସଂଗଠନର ଗଜପତି ଜିଲ୍ଲା ଶାଖା, ଗଜପତିର ନାଗରିକ ସମାଜ, ଯୁବ ଛାତ୍ର ସମାଜ ଓ କୃଷକଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଡବଲଇଞ୍ଜିନ ସରକାର ଚାଷୀ ମାରଣ ନୀତିରୁ ନିବୃତ୍ତ ନ ରହିଲେ କୃଷକ ସମାଜ ଆଗାମୀ ଦିନରେ ସରକାରଙ୍କୁ କଡା ଜବାବ ଦେବ ବୋଲି କୁହାଯାଇଥିଲା। କୃଷକ ସ୍ୱାଭିମାନ ଯାତ୍ରା ରାଜ୍ୟର ସମସ୍ତ ଜିଲ୍ଲା ପରିକ୍ରମା କରି ମେ ୧୪ ତାରିଖରେ ଭୁବନେଶ୍ୱରରେ ପହଞ୍ଚିବ। ଉକ୍ତ ସ୍ୱାଗତ ସମ୍ବର୍ଦ୍ଧନା ଓ ସାଧାରଣ ସଭାରେ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ସମେତ ରାଜ୍ୟ ସହସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ, ଉପଦେଷ୍ଟା ଡ. କୁଳମଣି, ଯୁବ ଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ଏସ୍. ଟି ପନୱର, ସଂଗଠନର ଗଜପତି ଜିଲ୍ଲା ପ୍ରଭାରୀ ରଣଜିତ ପଟ୍ଟନାୟକ ଓ ସଂଗଠକ ପ୍ରଭାତ ମହାଲିକ ବକ୍ତବ୍ୟ ରଖିଥିଲେ। ଜିଲ୍ଲା ସଂଗଠନର ଗୋଷାଣି ଜିଲ୍ଲା ପରିଷଦ ସଦସ୍ୟ ଏସ୍.ବାଲାରାଜୁ, ପି. ତିରୁପତି, ପି. ଲଛାୟା, ଦାମ ରାଓ, ବସନ୍ତ ନାୟକ, ଦଣ୍ଡାସି ଖଣ୍ଡୁଆଳ, ଦାଶରଥି ଚମ୍ପତି, କୌଳାସ ବାରିକ, ନିଳମଣି ବାରିକ, ପ୍ରକାଶ ପ୍ରଧାନ, ବି. ବାସୁଦେବ ଓ ଏସ୍.ମୋହନଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

**ଧାରଟଙ୍କାକୁ ନେଇ ମହିଳା ଓ ତାଙ୍କ ପୁଅକୁ ମାଡ଼ ଘଟଣା**

# ୩ ଅଭିଯୁକ୍ତଙ୍କୁ କୋର୍ଟଙ୍କ ଭର୍ତ୍ସନା

ପାରଳାଖେମୁଣ୍ଡି,୩୦।୪(ସମିସ): ଧାର ନେଇଥିବା ଅର୍ଥ ମାଗିବାକୁ ନେଇ ମହିଳା ଓ ତାଙ୍କ ପୁଅକୁ ମାଡ଼ ମାମଲାର ଶୁଣାଣି କରି ପାରଳାଖେମୁଣ୍ଡିର ବରିଷ୍ଠ ଦେୱାନୀ ବିଚାରପତି ତଥା ସହକାରୀ ଦୌରାଜଜ୍ (ମହିଳା ଅଦାଲତ) ରଶ୍ମିତା ସାହୁ ଭାରତୀୟ ପିଙ୍ଗଳ କୋଡ଼ର ଧାରା ୩୨୩(ସ୍ୱେଚ୍ଛାକୃତ ଭାବରେ ଆଘାତ କରିବା) ଅପରାଧରେ ପାରଳାଖେମୁଣ୍ଡି ଥାନା ଅନ୍ତର୍ଗତ କଟିକା ଗୌଡ଼ ସାହିର ଚନ୍ଦ୍ରମା ଆପଟ(୪୦), ଭାଲୁ ଆପଟ (୪୮) ଓ ପ୍ରଶାନ୍ତ ବରାଡ଼ (୨୬)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଉକ୍ତ ମାମଲାରେ ସରକାରଙ୍କ ପକ୍ଷରୁ ଏପିପି ସୌମ୍ୟ ସୌରଭ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ଏପିପି କାଶୀନାଥ ଦାସ ସହଯୋଗ କରିଥିବା ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି। ପାରଳାଖେମୁଣ୍ଡି କଟିକା ଗୌଡ଼ସାହିର ଏତଲାକାରିଣୀ ସରିତା ବିଶ୍ୱାଳ ୨୦୨୪ ଜୁନ ୨୪ରେ ଚନ୍ଦ୍ରମା ଆପଟ ଓ ତାଙ୍କ ସ୍ୱାମୀ ଭାଲୁ ଆପଟଙ୍କୁ ପୂର୍ବରୁ ଧାର ନେଇଥିବା ଦୁଇ ହଜାର ଟଙ୍କା ମାଗିବାରୁ ସେମାନେ ଦେବେ ନାହିଁ ବୋଲି କହି ଝଗଡ଼ା କରିବା ସହ ମାଡ ମାରିଥିଲେ। ମହିଳାଙ୍କ ପୁଅ ବିରୋଧ କରିବାରୁ ଅନ୍ୟ ଅଭିଯୁକ୍ତ ତଥା ଚନ୍ଦ୍ରମାଙ୍କ ଭଣଜା ପ୍ରଶାନ୍ତ ତାଙ୍କୁ ମାଡ ମାରିଥିଲେ।

# ୬୨୭ କେଜି ଗଞ୍ଜେଇ ଜବତ



ପାରଳାଖେମୁଣ୍ଡି,୩୦।୪(ସମିସ): ଅଡ଼ବା ପୁଲିସ ବୁଧବାର ମଧ୍ୟ ରାତ୍ରିରେ ୬୨୭ କେଜି ଗଞ୍ଜେଇ ଜବତ କରିଛି। ପୁଲିସ ଦଳ ପ୍ରବଳ ବର୍ଷା ପରେ ଏକ ଗଛ ପଡ଼ି ରାସ୍ତା ଅବରୋଧ ହୋଇଥିବା ସ୍ଥାନରେ ପହଞ୍ଚିଥିଲା। ଏହି ସମୟରେ ଜଣେ ଆନ୍ତଃରାଜ୍ୟ ଗଞ୍ଜେଇ ମାଫିଆ ଚୋରା ଗଞ୍ଜେଇ ପରିବହନ କରୁଥିଲା। ରାସ୍ତା ଅବରୋଧ ଯୋଗୁଁ ନିଶା ବ୍ୟବସାୟୀ ଫସି ରହିଥିଲା। ଅଭିଯୁକ୍ତ ଆଗକୁ ବଢ଼ିବାରୁ ବାଧା ହଟାଇବାକୁ ଚେଷ୍ଟା କରୁଥିବା ବେଳେ ପୁଲିସ ପହଞ୍ଚିଥିଲା। ପୁଲିସର ଉପସ୍ଥିତି ଦେଖି ଚାଲାଣକାରୀ ଘଟଣାସ୍ଥଳରୁ ଖସି ପଳାଇଥିଲା। ତେବେ ଚାଲାଣରେ ବ୍ୟବହୃତ ଗାଡି ସହିତ ୬୨୭ କିଲୋଗ୍ରାମ ଗଞ୍ଜେଇ ଥିବା ୨୫ଟି ପ୍ଲାଷ୍ଟିକ୍ ଜରି ବ୍ୟାଗକୁ ପୁଲିସ ଜବତ କରିଥିଲା। ଏନେଇ ଅଡ଼ବା ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାରେ ସମ୍ପୃକ୍ତ ଅପରାଧୀଙ୍କୁ ଚିହ୍ନଟ ଏବଂ ଗିରଫ କରିବାକୁ ପ୍ରଚେଷ୍ଟା ଜାରି ରହିଛି ବୋଲି ଆର୍.ଉଦୟଗିରି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରାକେଶ କୁମାର ସାହୁ ସୂଚନା ଦେଇଛନ୍ତି।

